## ସଂକ୍ଷେପରେ

### ସ୍କୁଲରେ ଆତ୍ମସୁରକ୍ଷା ତାଲିମ୍ ଉଦ୍‌ଘାଟିତ

ପଦ୍ମପୁର, ୧୯।୧(ପ୍ରଶାନ୍ତ କର)

ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ଆର.ଜି.ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଭାବେ କଲେଜରେ ପ୍ରବେଶ କରିଥିବା ପ୍ରଥମ ବର୍ଷର ଛାତ୍ରୀଙ୍କୁ ନେଇ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏଥିରେ ପ୍ରାୟ ୮୬ ଜଣ ଛାତ୍ରୀ ଭାଗ ନେଇଥିଲେ। ସ୍ଥାନୀୟ ଆର.ଜି.ଡିଗ୍ରୀ କଲେଜର ଅଧ୍ୟକ୍ଷ ଜଗଦୀଶ ସେନାପତି ମୁଖ୍ୟ ଅତିଥି, ସଞ୍ଜୁକ୍ତା ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉକ୍ତ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାହୁ ଏହାର ସଭାପତିତ୍ୱ କରିଥିଲେ। ପୋଗ୍ରାମ ଅଫିସର ତଥା ଅଧ୍ୟାପିକା ରଶ୍ମିତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ତାଲିମ ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ୨ଜଣ ମାଷ୍ଟର ଟ୍ରେନର ଅର୍ଚ୍ଚନା ଶବର ଏବଂ ସୋନାଲି ବିଷୋୟୀ ପିଲାମାନଙ୍କୁ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାପାତ୍ର, ଅଧ୍ୟାପିକା ବିଦ୍ୟାବତୀ ନିମାଲୁ, ଦୀପ୍ତିମୟୀ ରଣା, ମଲ୍ଲିକେଶ୍ୱର ନାଇଡୁ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ରଶ୍ମିତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ୮ ଦିନ ଧରି ଚାଲିବ।

### ୩ ମହିଳା ଗିରଫ

ଜୟପୁର, ୧୯।୧ (ପବନ ପାଣିଗ୍ରାହୀ)

ଦେଶୀ ଓ ବିଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀ ଶୁକ୍ରବାର ଚଢାଉ କରି ଧରିଛନ୍ତି। ଏଥିରେ ସମ୍ପୃକ୍ତ ୩ ଜଣ ମହିଳାଙ୍କୁ ଗିରଫ କରାଯାଇଛି।

### ହୃଦ୍‌ଘାତରେ ଖବରଦାତାଙ୍କ ମୃତ୍ୟୁ

ରାୟଗଡ଼ା/ଗୁଡାରି, ୧୯।୧(ଆଶିଷ ରଞ୍ଜନ ପଣ୍ଡା/ ପ୍ରମୋଦ କୁମାର ପତି)



ରାୟଗଡ଼ାର ଯୁବ ଖବରଦାତା ତଥା ସାମାଜିକ କର୍ମୀ ଗଜମୋହନ ଗରଡ଼ିଆ(୩୭)ଙ୍କ ଗୁରୁବାର ରାତିରେ ବିଶାଖାପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଗତ କିଛିଦିନ ହେବ ସେ ଅସୁସ୍ଥ ଥିଲେ। ହୃଦ୍ ରୋଗରେ ପୀଡ଼ିତ ଥିବା କାରଣରୁ ଗୁରୁବାର ସକାଳେ ଚିକିତ୍ସା ପାଇଁ ତାଙ୍କୁ ବିଶାଖାପାଟଣା ନିଆଯାଇଥିଲା। ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଶୁକ୍ରବାର ଭୋରରୁ ତାଙ୍କ ମୃତଦେହକୁ ରାୟଗଡ଼ା ଦେଇ ନିଜର ଗ୍ରାମ କଲ୍ୟାଣସିଂହପୁର ନିଆଯାଇଥିଲା। ରାୟଗଡ଼ା ସହରର କପିଳାସ ଛକରେ ଖବରଦାତାମାନେ ସ୍ୱର୍ଗତ ଗରଡ଼ିଆଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୃତଦେହ କଲ୍ୟାଣସିଂହପୁରରେ ପହଞ୍ଚିବା ପରେ ସମସ୍ତେ ଶେଷ ଦର୍ଶନ କରିଥିଲେ। କଲ୍ୟାଣୀ ନଦୀ କୂଳରେ ଶେଷକୃତ୍ୟ ଶେଷ ହୋଇଛି। ଖବରଦାତା ଗଜମୋହନଙ୍କ ଉଦ୍ଦେଶ୍ୟରେ ଗୁଡ଼ାରୀ ପ୍ରେସ୍ ୟୁନିଅନ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ବିଜୁ ପାଠାଗାର ପରିସରରେ ଶୋକସଭା କରାଯାଇଛି। ପ୍ରେସ ୟୁନିଅନର ସମସ୍ତ ସଦସ୍ୟ ସ୍ୱର୍ଗତ ଗରଡ଼ିଆଙ୍କ ଫଟୋରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସମସ୍ତେ ତାଙ୍କ ଅମରତ୍ମାର ସଦ୍‌ଗତି କାମନା କରିଥିଲେ।

# ଯୁବ ପିଢ଼ିଙ୍କୁ ଖେଳିବାକୁ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରୁଛନ୍ତି

## ନୂଆ-ଓ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ରାୟଗଡ଼ା, ୧୯।୧(ଭାଗ୍ୟଶ୍ରୀ ମିଶ୍ର)




କ୍ରୀଡ଼ା ଉତ୍ସବ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

ରାୟଗଡ଼ା ଜିଲାସ୍ତରୀୟ ନୂଆ-ଓ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ସ୍ଥାନୀୟ ଜିସିଡ଼ି ଖେଳ ପଡିଆ ଏବଂ ରେଲୱେ ଖେଳ ପଡିଆରେ ଉଦ୍‌ଘାଟିତ ହୋଇଛି। ଅନୁସୂଚିତ ଜାତି ଜନଜାତି ସଂଖ୍ୟା ଲଘୁ ସମ୍ପ୍ରଦାୟ ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ଶାରକା କାର୍ଯ୍ୟକ୍ରମ ଶୁଭ ଉଦ୍‌ଘାଟନ କରିଛନ୍ତି। ପାଠପଢ଼ା ସହ ସାମଗ୍ରିକ ବିକାଶର ଆବଶ୍ୟକତା ରହିଛି। ଖେଳ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ଯୁବ ପିଢ଼ିଙ୍କୁ ଖେଳିବାକୁ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରିଛନ୍ତି ବୋଲି ସେ କହିଥିଲେ। ଅନ୍ୟ ପ୍ରମୁଖ ଅତିଥିଙ୍କ ମଧ୍ୟରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୟା ମାଝି, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଜିଲା କ୍ରୀଡ଼ାଧିକାରୀ ଶେଖ ଅଲିନୁର ପ୍ରମୁଖ ମଞ୍ଚାସୀନ ଥିଲେ। ଶନିବାର ସେମି ଫାଇନାଲ ଓ ରବିବାର ଫାଇନାଲ ଖେଳ ଅନୁଷ୍ଠିତ ହେବ। ରେଲୱେ ଖେଳ ପଡିଆରେ ଫୁଟବଲ ଏବଂ ହକି ଖେଳ ହେଉଥିବାବେଳେ ଅନ୍ୟ ୪ଟି ଖେଳ ଜିସିଡ଼ି ଖେଳ ପଡିଆରେ କରାଯାଉଛି। ୧୧ ବ୍ଲକରୁ ୧ହଜାରରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଛନ୍ତି। କ୍ରିକେଟ, ହକି, ଫୁଟବଲ, ଖୋଖୋ, ଭଲିବଲ, କବାଡି ଖେଳ ପ୍ରତିଯୋଗିତା କରାଯାଉଛି।

# ଆଦିବାସୀଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ

## ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ

ପଦ୍ମପୁର, ୧୯।୧(ପ୍ରଶାନ୍ତ କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅଧୀନ ସରକାରୀ ବିଜୟାନନ୍ଦ ହାଇସ୍କୁଲ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଛି। ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ ଅଧ୍ୟକ୍ଷ ତଥା ପଦ୍ମପୁର ବିଡିଓ ସୁଜିତ୍ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନୁସୂଚିତ ଜାତି ଓ ଜନଜାତି, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡ଼ା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନଶୁୟା ମାଝି, ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଆଇଟିଡିଏ ପିଏ ଶାନ୍ତିପ୍ରଭା ପ୍ରଧାନ, ପଦ୍ମପୁର ବ୍ଲକ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସସ୍ମିତା ରଥ, ରାଜ୍ୟ ଛାତ୍ର ଉପସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ମଣିମାଳା ଶବର, ଉପାଧ୍ୟକ୍ଷ ରମେଶ ସାହୁ, ରାୟଗଡ଼ା ଜିଲ୍ଲା ବିଜେଡି ବରିଷ୍ଠ ନେତା ଗଗନ ଆଚାର୍ଯ୍ୟ, ରାୟଗଡ଼ା ଜିଲା ଛାତ୍ର ସଭାପତି ନେତ୍ରାନନ୍ଦ ଶବର, ରବିନାରାୟଣ ଆଚାର୍ଯ୍ୟ, ସହଦେବ ମାଣ୍ଡାଙ୍ଗି, ହୃତୁଲା ମାଝି,ରଞ୍ଜିତ ପାଣିଗ୍ରାହୀ, ଗୋଦାବରୀ ରାଉତ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି ଅତିଥିଭାବେ ଉପସ୍ଥିତ ଥିଲେ। ଜନଜାତି ବର୍ଗର ଲୋକଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ପିଲାଙ୍କ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ଏହି ଉତ୍ସବ ପାଳନର ମୂଳ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ପଦ୍ମପୁର ବ୍ଲକର ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ଏସ୍‌ଏଚ୍‌ଜି ମହିଳା, ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।

# ନିଖିଳ ଉତ୍କଳ ବିଶ୍ୱକର୍ମା ସମାଜ କାର୍ଯ୍ୟକାରିଣୀ କମିଟି ଗଠିତ

ମୁନିଗୁଡ଼ା, ୧୯।୧(ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡ଼ା ଜିଲା ମୁନିଗୁଡ଼ା ଗୌଡ଼ସାହିସ୍ଥ ଶିବ ମନ୍ଦିର ପରିସରରେ ବିଶ୍ୱକର୍ମା ସମାଜ ସଭାପତିଙ୍କ ସଭାପତିତ୍ୱରେ ବିଶ୍ୱକର୍ମା ସମାଜର ନୂତନ କାର୍ଯ୍ୟକାରିଣୀ ଗଠନ,ସଂସ୍କାରିତ ବିଚାରଧାରା ସହିତ ଅନେକ କଲ୍ୟାଣକାରୀ ଯୋଜନା ରୂପାୟନ ପାଇଁ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପୁରାତନ ସଭାପତି ନିଜ ବିଦାୟୀ ଅଭିଭାଷଣରେ ସଭିଙ୍କ ସହଯୋଗରେ ସମାଜ ଆଗକୁ ବଢୁଥିବା ଓ ବିଭିନ୍ନ କାର୍ଯ୍ୟ କରିଥିବା ନେଇ ଧନ୍ୟବାଦ ଦେଇଥିଲେ। ଆଗକୁ ଏହି ଧାରା ବଜାୟ ରଖିବାକୁ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ସର୍ବସମ୍ମତି ଓ ନିଷ୍ପତି କ୍ରମେ ମୁନିଗୁଡ଼ା ଅଞ୍ଚଳର ସୁନାମଧନ୍ୟ ଆଇନଜୀବି ସୁଧାକର ମହାରଣାଙ୍କୁ ବିଶ୍ୱକର୍ମା ସମାଜ ସଭାପତି ଘୋଷଣା କରାଯାଇଥିଲା। ସେହିପରି ଉପସଭାପତି ଶିବ ମହାରଣା,ସମ୍ପାଦକ ସରୋଜ ମହାରଣା,କୋଷାଧକ୍ଷ ଚକ୍ରଧର ମହାରଣା ମନୋନୀତ ହୋଇଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ କରତାଳି ଦେଇ ସମସ୍ତ ନୂତନ କାର୍ଯ୍ୟକାରିଣୀକୁ ଅଭିନନ୍ଦନ ଜଣାଇଥିଲେ। ନୂତନ ସଭାପତି ସୁଧାକର ମହାରଣା ଏବଂ ତାଙ୍କ ଟିମ୍ ଦାୟିତ୍ୱ ନେବା ପରେ ପ୍ରତି କ୍ଷେତ୍ରରେ ସଭିଙ୍କ ସହଯୋଗ କାମନା କରିଥିଲେ। ସମାଜକୁ ସଂଗଠିତ, ଶୃଙ୍ଖଳିତ ଓ ସଂସ୍କାରିତ କରିବା ପାଇଁ ପ୍ରତ୍ୟେକ ସଦସ୍ୟଙ୍କ ଭୂମିକା ଗୁରୁତ୍ୱପର୍ଣ୍ଣ। ଏଣୁ ସମସ୍ତେ ମିଳିମିଶି ପ୍ରୟାସ କଲେ ଆମ ସମାଜ ଏକ ଆଦର୍ଶ ପ୍ରତିଷ୍ଠା କରିପାରିବ ବୋଲି ସଭାପତି ମହାରଣା କହିଥିଲେ। ପ୍ରତି ମାସରେ ବୈଠକ କରାଯାଇ ନୀତି ନିର୍ଦ୍ଧାରଣ ହେବା ସହିତ ଯୋଜନା ପ୍ରସ୍ତୁତ କରାଯିବା ନେଇ ସମ୍ପାଦକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତି ସଂକ୍ରାନ୍ତିରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବାର ସ୍ଥିର ହୋଇଥିଲା। ବୈଠକରେ ପୀତାମ୍ବର ମହାରଣା, ପ୍ରକାଶ ମହାରଣା, ପ୍ରହଲ୍ଲାଦ ମହାରଣା, ପ୍ରଶାନ୍ତ ମହାରଣା, କୃଷ୍ଣ ମହାରଣା, ପ୍ରସନ୍ନ ମହାରଣା, ସରୋଜ ମହାରଣା, ରାଜେନ୍ଦ୍ର ମହାରଣା ଓ ଶିବ ମହାରଣା ପ୍ରମୁଖ ସମାଜର ଅନେକ ବରିଷ୍ଠ ବ୍ୟକ୍ତି ଯୁବକ ଯୋଗ ଦେଇଥିଲେ।

# ୯୨ କେଜି ଗଞ୍ଜେଇ ଜବତ, ୩ ଗିରଫ

ପଟ୍ଟାଙ୍ଗି, ୧୯।୧( ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ ପୋଲିସ ଗଞ୍ଜେଇ ଚୋରା ଚାଲାଣ ଧରିବାରେ ସଫଳ ହୋଇଛି। ୯୨ କେଜି ୩୪୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜୋସେଫ ଓ ଅଜିତ। ଉଭୟଙ୍କ ଘର କେରଳରେ। ଅନ୍ୟ ଜଣେ ହେଲେ କୋରାପୁଟ ଜିଲା ସୁନାବେଡ଼ା ଅଞ୍ଚଳର ନାରାୟଣ ପ୍ରଧାନ। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋଟିଆରେ ଥାନା ପ୍ରତିଷ୍ଠା ହେବା ପରଠାରୁ ଗଞ୍ଜେଇ ଜବତ କରିବାରେ ଏହା ହେଉଛି ଥାନା ପାଇଁ ପ୍ରଥମ ସଫଳତା। କୋଟିଆ ପଞ୍ଚାୟତ ଦେଇ ଆନ୍ଧ୍ରକୁ ଅନେକ ରାସ୍ତା ଫିଟିବା ପରେ ବିଭିନ୍ନ ଗଳାବାଟ ଦେଇ ଚୋରା ଚାଲାଣକାରୀମାନେ ଗଞ୍ଜେଇ ଚାଲାଣ କରୁଛନ୍ତି। ସମୟେ ସମୟେ ସେମାନେ ଆନ୍ଧ୍ର ପୋଲିସ ହାତରେ ଧରା ପଡୁଥିଲେ ମଧ କୋଟିଆ ପୋଲିସ ହାତୁଡ଼ରେ ପଡୁ ନ ଥିଲେ। ବୁଧବାର ନିଜକୁ ପର୍ଯ୍ୟଟକ ପରିଚୟ ଦେଇ ଏକ କାର୍ (ଡିଏଲ୦୩ସିବିଇ-୨୦୨୦) କୋଟିଆ ଥାନା ସମ୍ମୁଖ ଦେଇ ଆନ୍ଧ୍ର ଅଭିମୁଖେ ଯାଉଥିବା ବେଳେ ଉପସ୍ଥିତ ପୋଲିସ ସନ୍ଦେହରେ କାରକୁ ଅଟକାଇ ଯାଞ୍ଚ କରିଥିଲା। କାର୍ ଡିକିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା।

# ଶ୍ରମିକଙ୍କୁ ନେଇ କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅତିଥି।

ରାୟଗଡ଼ା, ୧୯।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ ତେଜସ୍ୱୀ ଇଣ୍ଟରନ୍ୟାଶନାଲ ହୋଟେଲରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ପିଏମ୍ ବିଶ୍ୱକର୍ମା ଯୋଜନା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ କହଁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୋଜନା ବିଭିନ୍ନ ସୁବିଧା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସଦସ୍ୟ ଶିବ ପଟ୍ଟନାୟକ, କିଶୋର ଚନ୍ଦ୍ର ପଣ୍ଡା, ଲିଡ୍ ବ୍ୟାଙ୍କ ମ୍ୟାନେଜର ଭାବରଞ୍ଜନ ମିଶ୍ର ଏବଂ ରାୟଗଡ଼ା ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ବିଜୟ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଏମ୍‌ଏସ୍‌ଏମଇ ସହକାରୀ ନିର୍ଦ୍ଦେଶକ ଏନ୍.କେ.ରତ୍ନମ୍ ଏବଂ ଶିଳ୍ପ କେନ୍ଦ୍ର ଆଇପିଓ ସବ୍ୟସାଚୀ ସାହୁ ପରିଚାଳନା କରିଥିଲେ। କର୍ମଶାଳାରେ ପିଏମ ବିଶ୍ୱକର୍ମାରେ ରହିଥିବା କାର୍ପେଣ୍ଟର, ବୋଟ୍ ମେକର୍ ଓ ବିଭିନ୍ନ ୧୮ ପ୍ରକାର ନିର୍ମାଣ କାର୍ଯ୍ୟର କାରିଗରଙ୍କ ପାଇଁ ରହିଥିବା ସୁବିଧା ଉପରେ ଆଲୋକପାତ କରାଯାଇଛି। ଯୋଜନାରେ ପଞ୍ଜୀକୃତ ହେଲେ କାରିଗରମାନଙ୍କୁ ସାର୍ଟିଫିକେଟ, ଆଇଡି କାର୍ଡ, ଟୁଲ କିଟ୍ ପାଇଁ ୧୫ହଜାର ଟଙ୍କା, ଜ୍ଞାନ କୌଶଳ ବୃଦ୍ଧି ପାଇଁ ୫ରୁ୭ ଦିନିଆ ପ୍ରଶିକ୍ଷଣ, ବ୍ୟବସାୟ ବୃଦ୍ଧି ପାଇଁ ୧୮ ଓ ୩୦ ମାସର କିସ୍ତି ସୁବିଧା ସହିତ ୧ ୨ଲକ୍ଷ ପର୍ଯ୍ୟନ୍ତ ନିଃଶୁଳ୍କ ଋଣ ଓ ଅନ୍ୟ ସୁବିଧା ବିଷୟରେ ଅବଗତ କରଯାଇଛି। କର୍ମଶାଳାରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ କୁଶଳୀ କାରିଗରମାନେ ଯୋଗଦେଇଥିଲେ ।

# ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ପଦ୍ମପୁର, ୧୯।୧(ପ୍ରଶାନ୍ତ କର)

ଆରଜିଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ରାୟଗଡା ଜିଲାର ବିଶିଷ୍ଟ ଗବେଷକ ତଥା ଅବସରପ୍ରାପ୍ତ ଶିକ୍ଷକ ଶ୍ରୀରାଙ୍ଗ ନାୟକ ଏବଂ ବିଶିଷ୍ଟ ସାହିତ୍ୟିକ ତଥା ଚିକିତ୍ସକ ଡ଼ା.ଗୌରାଙ୍ଗ ଚରଣ ରାଉତ ଯୋଗ ଦେଇଥିଲେ। ଡ଼ା. ରାଉତ ଜଗନ୍ନାଥ ସଂସ୍କୃତି ଉପରେ ସୁଦୀର୍ଘ ଆଲୋଚନା ବେଳେ ଗବେଷକ ଶ୍ରୀରାଙ୍ଗ ନାୟକ ଓଡ଼ିଶାର କଳା, ସଂସ୍କୃତି ଏବଂ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ଓଡ଼ିଆ ଭାଷା ସମ୍ପର୍କିତ ପ୍ରାରମ୍ଭିକ ସୂଚନା ଏବଂ କାର୍ଯ୍ୟସୂଚୀ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା,ରମେଶ ଚନ୍ଦ୍ର ଦୋରା, ଅଧ୍ୟାପିକା ରଶ୍ମିତା ସ୍ୱାଇଁ,ଦୀପ୍ତିମୟୀ ରଣା,ବିଦ୍ୟାବତୀ ନିମାଲୁ,ଶଙ୍କର ପ୍ରସାଦ ନାୟକ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିବ ବୋଲି ଜଣାପଡିଛି। ଆଜି କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି ।

# ଯୁବତୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ଛେଚା ଖାଇଲେ ଯୁବକ

ଗଞ୍ଜାମ, ୧୯।୧(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ବଟେଶ୍ୱର ବେଳାଭୂମିରେ ଦୁର୍ବୃତ୍ତମାନେ ବୁଲିବାକୁ ଆସିଥିବା ଯୁବତୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଜୈନେକ ଯୁବତୀ ନିଜ ସାନ ଭାଇଙ୍କ ସହ ବେଳାଭୂମିକୁ ବୁଲିବା ପାଇଁ ଯାଇଥିବା ବେଳେ ପରିଶ୍ରା କରିବା ପାଇଁ ନିକଟସ୍ଥ ଝାଉଁ ଜଙ୍ଗଲକୁ ଯାଇଥିଲେ। ସେହି ସମୟରେ ୨ଜଣ ଦୁର୍ବୃତ୍ତ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଫଳରେ ଯୁବତୀ ଜଣଙ୍କ ଦୌଡ଼ି ବେଳାଭୂମିକୁ ଚାଲି ଆସିଥିଲେ। ଯୁବତୀଙ୍କ ଭାଇ ପ୍ରତିବାଦ କରିବାରୁ ତାଙ୍କୁ ସେମାନେ ଧମକ ଦେଇଥିଲେ। ଏନେଇ ସଙ୍ଗେ ସଙ୍ଗେ ଯୁବତୀ ଜଣଙ୍କ ଫୋନ ଦ୍ୱାରା ନିଜ ବନ୍ଧୁମାନଙ୍କୁ ଜଣାଇଥିଲେ। ଖବର ପାଇ ସାଙ୍ଗମାନେ ପହଞ୍ଚି ସେମାନଙ୍କୁ ଉତ୍ତମ ମଧ୍ୟମ କରିଥିଲେ।

# ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗୁଡାରି, ୧୯।୧(ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ବ୍ଲକର କଦମା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଡିଓ ରତ୍ନମୟୀ ପୁରୋହିତ ମୁଖ୍ୟ ଅତିଥି, ଏବିଇଓ ସଂଗୁଡା ରୂପ ମାଝି ନିମନ୍ତ୍ରିତ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟୟନରତ ଛାତ୍ରୀଛାତ୍ର କିପରି ପାଠ ପଢିବା ସହ ଭାଷା ଓ ସାହିତ୍ୟ ସମ୍ପର୍କରେ ଅଧିକ ଜ୍ଞାନ ପାଇପାରିବେ ସେ ସମ୍ପର୍କରେ ଏଠାରେ ଆଲୋଚନା ହୋଇଥିଲା। ପ୍ରଧାନ ଶିକ୍ଷକ ନବକୃଷ୍ଣ ଗମାଙ୍ଗଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ,ଅଭିଭାବକ ଓ ସ୍କୁଲ ପରିଚାଳନା ସଦସ୍ୟ ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟରେ ଜେଜେ ମା', ବାପା ଦିବସ

ରାୟଗଡ଼ା, ୧୯।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା କେନ୍ଦ୍ରୀୟ ବିଦ୍ୟାଳୟରେ ଶୁକ୍ରବାର ଜେଜେ ମା ଜେଜେ ବାପା ଦିବସ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରାଜାରାମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଜେଜେମା, ବାପା ଓ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଦିବାକର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମର ନିର୍ଦ୍ଦେଶକ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ନାଗ ଦିବସ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ସିଦ୍ଧାର୍ଥ ଶେଖର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ଯୋଗେଶ୍ୱରୀ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଙ୍ଗୀତ ଶିକ୍ଷକ ଅବିନାଶ ମଣ୍ଡଳ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ଦିବସ ଅବସରରେ ଯୋଗଦାନ କରିଥିବା ଜେଜେବାପା ଜେଜେମା ମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇଛି। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ନାଗ ଧନ୍ୟବାଦ ଦେଇଥିଲେ।




ଜେଜେମା', ବାପାଙ୍କୁ ପୁରସ୍କୃତ କରାଯାଇଛି।

# ମୁକ୍ତା ମାଷ୍ଟର ଟ୍ରେନରଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାୟଗଡ଼ା, ୧୯।୧(ଆଶିଷ ରଞ୍ଜନ ପଣ୍ଡା)

ମୁକ୍ତା ଯୋଜନା ଅଧୀନରେ ପୌର ପରିଷଦ ସଭାଗୃହରେ ମାଷ୍ଟର ଟ୍ରେନରମାନଙ୍କ ୨ ଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ଦକ୍ଷତା ବିକାଶ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ତାଲିମ କାର୍ଯ୍ୟକ୍ରମରେ ୪୭ଏସ୍‌ଏସ୍‌ଜିରୁ ୪୭ ସଦସ୍ୟା''ମାଷ୍ଟର ଟ୍ରେନର' ହିସାବରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ଯୁଗ୍ମଶାସନ ସଚିବ ଓ ସୁଡା ନିର୍ଦ୍ଦେଶକ ଭିଡିଓ କନଫେରେନ୍ସରେ ଯୋଗଦାନ କରି ଅଂଶଗ୍ରହଣକାରୀଙ୍କୁ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ଏଥିରେ ସୁଡ଼ାର ଅଭିଜ୍ଞ, ଦକ୍ଷ ପ୍ରଫେସନାଲମାନେ ତାଲିମ କାର୍ଯ୍ୟକ୍ରମରେ ମୁକ୍ତାର କାର୍ଯ୍ୟକାରିତା ପଦ୍ଧତି, ମୁକ୍ତା ପ୍ରକଳ୍ପ ଚିହ୍ନିତିକରଣ ପ୍ରକ୍ରିୟା, ୱାର୍କ ଅର୍ଡର ଏବଂ ପ୍ରଦାନ କରାଯାଉଥିବା



ମୁକ୍ତା ଯୋଜନାରେ ଆୟୋଜିତ ବୈଠକରେ ପୌର ଅଧିକାରୀ ଓ ଅନ୍ୟମାନେ ।

ଡକ୍ୟୁମେଣ୍ଟ,ମାଷ୍ଟର ରୋଲ,ବ୍ୟାଙ୍କ ଋଣ ପାଇଁ ଗୋଷ୍ଠୀର ଯୋଗ୍ୟତା ମାନଦଣ୍ଡ, ନିର୍ମାଣ କାର୍ଯ୍ୟର ମାପ ଏବଂ ଶ୍ରମିକମାନଙ୍କୁ ମଜୁରି ଦେୟ, ବିଲ ଏବଂ ଦେୟ ଓ ରେକର୍ଡ ରକ୍ଷଣାବେକ୍ଷଣ ଇତ୍ୟାଦି ବିଭିନ୍ନ ବିଷୟବସ୍ତୁ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୌରପରିଷଦର ଅଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମ୍ମଦ, ଜିଲା ନଗର ଉନ୍ନୟନ ସଂସ୍ଥା ଟିମ୍ ଲିଡର ସନ୍ଦୀପ ପଟ୍ଟନାୟକ, ପ୍ରଭଞ୍ଜନ ସ୍ୱାଇଁ, ମୁକ୍ତା ପ୍ରକଳ୍ପ ସଂଯୋଜକ ଦିଲ୍ଲୀପ କୁମାର ପରିଡା ଏବଂ ପୌରପରିଷଦ ଅନ୍ୟ କର୍ମଚାରୀ ଯୋଗଦାନ କରି ଅଭିଭାଷଣ ରଖିଥିଲେ।

**ସଂକ୍ଷେପରେ**

## ନୋଡାଲ ଉଚ୍ଚ ବିଦ୍ୟାଳୟରେ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ



**ଦଶମନ୍ତପୁର,୧୯।୧ (ଅରବିନ୍ଦ ନାୟକ )**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି କୁମାରୀ ମାଣ୍ଡିଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଶକୁନ୍ତଳା ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ନରେଶ ସ୍ୱାଇଁ, ସୂର୍ଯ୍ୟ ନାରାୟଣ ବେହେରା, ବଶିଷ୍ଠ ନାୟକ, ଦିଲୀପ ପ୍ରଧାନ, ଈପ୍ସିତା ବାଘ, ଅଙ୍କିତା ବାଘ, ଜୟ ଖସଲା, କୀର୍ତ୍ତିକା ଖଡ଼ିଆର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ୪ ସାହିତ୍ୟ ସୃଜନୀ, କୌଶଳୀ ପ୍ରକଳ୍ପ, ଜୀବନ କୌଶଳ ପ୍ରକଳ୍ପ ଓ ଜିଜ୍ଞାସା ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଜିଜ୍ଞାସା ସୃଜନଶିଳତାର ବିକାଶ ମାଧ୍ୟମରେ ପିଲାଙ୍କ ଲିଜ୍ଞାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ସାହିତ୍ୟ ସୃଜନୀରେ ମୋ କଥା ମୋ କାହାଣୀ ରଚନାକୁ ନେଇ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ମଦ ଚୋରାଚାଲାଣ ବେଳେ ୩ ମହିଳା ଗିରଫ

**ଜୟପୁର, ୧୯।୧ (ପବନ ପାଣିଗ୍ରାହୀ)**

ଦେଶୀ ଓ ବିଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀ ଶୁକ୍ରବାର ଚଢାଉ କରି ଧରିଛନ୍ତି। ଏଥିରେ ସମ୍ପୃକ୍ତ ୩ ଜଣ ମହିଳାଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବଦଲିଗୁଡାର ଡମଣି ଗାଧବା, ପଟ୍ଟନାୟକଗୁଡାର ମାଣିକ ବାଘ ଓ କୁନ୍ଦାରିଗୁଡାର ଧହଣା ନାୟକ। ଦେଶୀ ଓ ବିଦେଶୀ ମଦ ନେଇ ଯାଉଥିବା ବେଳେ ସୂଚନା ପାଇ ସମସ୍ତଙ୍କୁ ସାହି ରାସ୍ତାରେ ଚଢାଉ କରି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଓଆଇସି ନିଳାଦ୍ରୀ ବିହାରି ମିଶ୍ର କହିଛନ୍ତି।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜୟପୁର, ୧୯।୧ (ପବନ ପାଣିଗ୍ରାହୀ)**

ଜୟପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ଅଭିଷେକ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ୟାମ ମେହେର, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଅରବିନ୍ଦ ଚରଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ ନାୟକ, ବୋର୍ଡ ସହ ସମ୍ପାଦକ ଶଙ୍କର ନାୟକ , କନକଲତା ରଥ, ଶଶୀରେଖା ମିଶ୍ର, ପ୍ରଭଞ୍ଜନୀ ରଥ, ସ୍ୱାତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ହୋଇଥିଲା। ଏଥିସହ ସାହିତ୍ୟ ଓ ସୃଜନଶୀଳତାର ଉତ୍ସବକୁ ମଧ୍ୟ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଫଟୋ: ଉତ୍ସବରେ ମଞ୍ଚାସୀନ ଅତିଥି।

# ଆଂଶିକ ଜମିହରା ସଂଘ ସହ ତ୍ରିପାକ୍ଷିକ ବୈଠକ ବିଫଳ

**କୋରାପୁଟ,୧୯।୧(ଅମିତାଭ ବେହେରା)**



ବସିଥିବା ତ୍ରିପାକ୍ଷିକ ବୈଠକରେ ନାଲ୍‌କୋ ଅଧିକାରୀ, ଜିଲା ପ୍ରଶାସନ ଓ ସଂଘ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

- ଜିଲା ପ୍ରଶାସନ, ନାଲ୍‌କୋ ଓ ସଂଘ କର୍ମକର୍ତ୍ତାଙ୍କୁ ନେଇ ବସିଥିଲା ବୈଠକ
- ୧୫ ଦିନ ସମୟ ନେଲେ ନାଲ୍‌କୋ କର୍ତ୍ତୃପକ୍ଷ
- ପେରିଫେରି ଅଞ୍ଚଳ ପାଇଁ ମଧ୍ୟ କିଛି କରୁନି ନାଲ୍‌କୋ

ଦାମନଯୋଡ଼ିସ୍ଥିତ ନାଲ୍‌କୋ ପ୍ରକଳ୍ପ ଦ୍ୱାରା ଆଂଶିକ ଜମିହରା ସଂଘ (ଏସ୍‌ଏପି)ର ବିଭିନ୍ନ ଦାବିର ସମାଧାନ ନେଇ ଶୁକ୍ରବାର କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଆୟୋଜିତ ନାଲ୍‌କୋର ତ୍ରିପାକ୍ଷିକ ବୈଠକ ବିଫଳ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ଉପଜିଲାପାଳ ବେଣୁଧର ଶବର, ନାଲ୍‌କୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜିଏମ୍ ଅମରେନ୍ଦ୍ର ମିଶ୍ର, ପଦସ୍ଥ ଅଧିକାରୀ ଏ.କେ. ସେଠୀ, ଏସ୍.କେ. ନାଥ ଓ ନାଲ୍‌କୋ ଆଂଶିକ ଜମିହରା ସଂଘ (ଏସ୍‌ଏପି)ଙ୍କ ପକ୍ଷରୁ ସଭାପତି ସୁରଜ ଶ୍ରୀହରିଆ, ସମ୍ପାଦକ ହୃଷ୍ଟସବିର ଟାକ୍ରି ଯୁଗ୍ମ ସମ୍ପାଦକ ସୋମନାଥ ଗୌଡ, କୋଷାଧ୍ୟକ୍ଷ ବିପିନ ଶ୍ରୀହରିଆ ଉପସ୍ଥିତ ଥିଲେ। ଏଥିରେ ଏସ୍‌ଏପି ସଂଘ କର୍ମକର୍ତ୍ତାମାନେ ସେମାନଙ୍କ ନିଯୁକ୍ତି ସମେତ ବିଭିନ୍ନ ମୌଳିକ ସମସ୍ୟା ନେଇ ଆଲୋଚନା କରିଥିଲେ । ଏହି ସମୟରେ ଏସ୍‌ଏପି ପକ୍ଷରୁ କୁହାଯାଇଥିଲା, ବାରମ୍ବାର ସେମାନଙ୍କ ସମସ୍ୟା ବିଶେଷକରି ନିଯୁକ୍ତି ନେଇ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ନାଲ୍‌କୋ ପକ୍ଷରୁ ସେମାନଙ୍କୁ ବହୁବାର ମିଛ ପ୍ରତିଶ୍ରୁତି ମିଳିଛି।

୨୦୧୭ରେ ନାଲ୍‌କୋ ପ୍ରକଳ୍ପ ପାଇଁ ଆଂଶିକ ଜମି ହରାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୪୧୬ ଜଣଙ୍କୁ ଜିଲା ପ୍ରଶାସନ ଓ ଜିଲା ଶ୍ରମ ଅଧିକାରୀଙ୍କ ପକ୍ଷରୁ ଚିହ୍ନଟ କରାଯାଇଥିଲା। । ମାତ୍ର ପରେ ନାଲ୍‌କୋ କର୍ତ୍ତୃପକ୍ଷ ଜିଲା ପ୍ରଶାସନର ପରାମର୍ଶ ନ ମାନି ୨୪୮ ଜଣଙ୍କୁ ଚାକିରି ଦେବାକୁ ତାଲିକା ପ୍ରସ୍ତୁତ କରିଥିଲେ । ତେବେ ନାଲ୍‌କୋର ପ୍ରସ୍ତୁତ ତାଲିକା ଅନୁସାରେ ଏଯାଏ କାହାକୁ ଚାକିରି ମିଳି ନ ଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। । ସେହିପରି ନାଲ୍‌କୋର ଥିବା ୱାନ୍ ଥାର୍ଡ ପଲିସି ଉଚ୍ଛେଦ କରାଯାଇ ଜମିହରାଙ୍କୁ ଚାକିରି ଦିଅ ନଚେତ୍ ଆମ ଜମି ଆମକୁ ଫେରାଇଦିଅ ବୋଲି ବୈଠକରେ ସଂଘ କର୍ମକର୍ତ୍ତାମାନେ ଦାବି କରିଥିଲେ । ସେହିପରି ଦାମନଯୋଡ଼ି ଅଞ୍ଚଳରେ ନାଲ୍‌କୋ ତା'ର ପେରିଫେରି ଅଞ୍ଚଳରେ ମଧ୍ୟ ଲୋକଙ୍କୁ ମୌଳିକ ସୁବିଧା ଠିକ୍ ଭାବେ ପ୍ରଦାନ କରୁ ନ ଥିବା ଯୋଗୁ ଲୋକେ ବହୁ ଅସୁବିଧାରେ ଜୀବନ ବିତାଉଥିବା ସଂଘ ଅଭିଯୋଗ କରିଥିଲା। ଏହାକୁ ନେଇ ବୈଠକରେ ସଂଘ କର୍ମକର୍ତ୍ତାମାନେ ହୋହାଲ୍ଲା କରିଥିଲେ । ପରେ ଅତିରିକ୍ତ ଜିଲାପାଳ ପ୍ରଧାନ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ଏସ୍‌ଏପିର ଦାବି କିପରି ସମାଧାନ ହେବ ସେ ନେଇ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଆମକୁ ଆଉ ମାତ୍ର ୧୫ ଦିନ ସମୟ ଦିଅ ଆମେ ସେମାନଙ୍କ ଦାବି ଉପରେ ନିଷ୍ପତ୍ତି ନେବୁ ବୋଲି ନାଲ୍‌କୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜିଏମ ଅମେରେନ୍ଦ୍ର ମିଶ୍ର ଉପସ୍ଥିତ ସଂଘ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ଏହାକୁ ଗ୍ରହଣ କରି ସଂଘ ଆନ୍ଦୋଳନ କରିବାକୁ ନେଇଥିବା ନିଷ୍ପତ୍ତିକୁ ଆସନ୍ତା ୧୫ ଦିନ ପାଇଁ ସ୍ଥଗିତ ରଖିଛି। ସୂଚନାଯୋଗ୍ୟ, ନାଲ୍‌କୋର ଅବହେଳାର ପ୍ରତିବାଦରେ ଏସ୍‌ଏପି ପକ୍ଷରୁ ଶୁକ୍ରବାରଠାରୁ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲାପାଳ ଓ ନାଲ୍‌କୋର ମୁଖ୍ୟ ଫାଟକଠାରେ ଧାରଣା ଦେବ ବୋଲି ପତ୍ର ଦେଇ ଅବଗତ କରିଥିଲା। ଏହାକୁ ଗୁରୁତ୍ୱ ଦେଇ ଜିଲା ପ୍ରଶାସନ ପକ୍ଷରୁ ଏହି ତ୍ରିପାକ୍ଷିକ ବୈଠକ ଡକାଯାଇଥିଲା ।

## ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ

**ବୋରିଗୁମ୍ମା,୧୯।୧(ବିଜୟ ସାହୁ)**

ବୋରିଗୁମ୍ମାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, ସମ୍ମାନିତ ଅତିଥି ରୂପେ ବିଧାୟକ ତାରାପ୍ରସାଦ ବାହିନୀପତି, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ରାଜ୍ୟ ସାଧାରଣ ସମ୍ପାଦକ ଇଂ. ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଏସ୍‌ଏସ୍‌ଡି ଅଧ୍ୟକ୍ଷ ରାମକୃଷ୍ଣ ବିଷୋୟୀ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଲୋକକଳା ଓ ଲୋକନୃତ୍ୟକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଏପରି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ, ଜିଲା ପରିଷଦ ସଭ୍ୟ ପ୍ରସାଦ ବିଡ଼ିକା, ମଞ୍ଜୁଳା ଘାସି, ପିଙ୍କୁ ଶତପଥୀ, ବିଧାୟକ ପ୍ରତିନିଧି ନରେନ୍ଦ୍ର ବିଷୋୟୀ, କମୁଲୁ ଯାନୀ,ଏମ୍‌ପି ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ,ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା, ବିଡିଓ ବିକ୍ରମ ଦୋରା, ଏବିଡିଓ ମାଧୁରୀ ଆଚାରୀ, ଏଇ. ସତ୍ୟନାରାୟଣ ସେଠୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୋନାଲି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

**ନନ୍ଦପୁର/ଦଶମନ୍ତପୁର, ୧୯।୧ (ଶଙ୍କର ପୂଜାରୀ/ଅରବିନ୍ଦ ନାୟକ)**




ନନ୍ଦପୁର ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହୋଇଥିବା ସାହିତ୍ୟ ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

କୋରାପୁଟ ଜିଲା ନନ୍ଦପୁର ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ନୂଆ-ଓ ଯୋଜନା ଅନ୍ତର୍ଗତ ଭାଷା ଓ ସାହିତ୍ୟର ସୁରକ୍ଷା ଲାଗି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ବୈଜୟନ୍ତୀ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡିଓ ଦୁର୍ଗାପ୍ରସାଦ ଦୋରା, ତହସିଲଦାର ଅନାଦି ଚରଣ ସାହୁ, ବିଧାୟକ ପ୍ରତିନିଧି ଗୋପାଳକୃଷ୍ଣ ବେବର୍ତ୍ତା ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ଉତ୍ପତ୍ତି, ମାଧୁର୍ଯ୍ୟ, ମର୍ଯ୍ୟାଦା, ବ୍ୟବହାର ଓ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସନ୍ତୋଷ ପଟ୍ଟନାୟକ, ରଞ୍ଜନ ବେହେରା, ଶ୍ରୀରାମ ପାତ୍ର, ଆଲଫର୍ଡ ଉଇଲିୟମ ତୁରୁକ୍, ସରୋଜ ପାତ୍ର, ଦିଲୀପ ମହାନ୍ତି, ଅଧ୍ୟାପିକା ବାତସେବା ତାଣ୍ଡି, ତୃପ୍ତିପ୍ରଭା ପଟ୍ଟନାୟକ, ପ୍ରଜ୍ଞା ପାରମିତା ମହାରଥୀ ଉପସ୍ଥିତ ଥିଲେ। ଅଧ୍ୟାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଦଶମନ୍ତପୁର ବ୍ଲକସ୍ଥିତ ସରକାରୀ (ଏସ୍‌ଏସ୍‌ଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଶୁକ୍ରବାର ନୂଆ ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଏବଂ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ହୃଷୀକେଶ ବିଡ଼ିକାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ଅରୁଣ ଚେଟି,ସମ୍ମାନିତ ଅତିଥି ଭାବେ ଆର୍‌କେଏ ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିନାଥ ପାତିକା, ସରପଞ୍ଚ ସବାଇ ଜାନି, ସମିତିସଭ୍ୟା ମଧୁସ୍ମିତା ବାଘ, ଅଧ୍ୟାପକ ସୁକାନ୍ତ ବାଣୁଆ, ପର୍ଶୁରାମ ସାହୁ, ନରେନ୍ଦ୍ର ଖସଲା, ପରିଚାଳନା କମିଟି ସଭାପତି ଗୋପାଳ ଜାନି ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୋକ ନୃତ୍ୟ, ଏକକ ନୃତ୍ୟ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିସହ ଜଗନ୍ନାଥଙ୍କ ଭଜନ ଓ ସଂସ୍କୃତି ସମ୍ବନ୍ଧୀୟ ପ୍ରବନ୍ଧ, ପାରମ୍ପରିକ ଗୀତ, ବ୍ୟାକରଣ, କବିତା ଲିଖନ, କ୍ଷୁଦ୍ର ଗଳ୍ପ ରଚନା, ନାଟକ ରଚନା, କୁଇଜ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିବା ଜଣାପଡିଛି।

## ଉଚ୍ଚବିଦ୍ୟାଳୟସ୍ତରୀୟ ସାହିତ୍ୟ, ସୃଜନଶୀଳତା ଉତ୍ସବ

**କୋରାପୁଟ,୧୯।୧ (ଅମିତାଭ ବେହେରା)**

ସୁନାପୁରସ୍ଥିତ ରାଜୀବ ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଭାଷା ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ହେଲେ ରାଷ୍ଟ୍ରର ବିକାଶ ଘଟିଥାଏ ବୋଲି ମତ ପୋଷଣ କରିଥିଲେ। ସମ୍ମାନିତ ଅତିଥି ରୂପେ ପୌର ପରିଷଦ ସଭ୍ୟା ଲିୟା ପ୍ରଧାନ, ପରିଚାଳନା ସମିତି ସଭ୍ୟ ବିଭୁ ପ୍ରସାଦ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠପଢା ସହ ନିଜ ଅନ୍ତର୍ନିହିତ ଗୁଣାବଳୀକୁ ପ୍ରକାଶ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ସେମାନେ ସାହିତ୍ୟ ସୃଜନୀ କ୍ଲବ୍, ଜିଜ୍ଞାସା କ୍ଲବ୍, କ୍ରୀଡାଙ୍ଗନ କ୍ଲବ୍ ଓ କୌଶଳି କ୍ଲବ୍ ପ୍ରତିଯୋଗିତାରେ ଭାଗ ନେଇ ପ୍ରକଳ୍ପ ସଂପର୍କରେ ଆଲୋଚନା କରିଥିଲେ। ଉଦଯାପନୀ ଉତ୍ସବରେ ଅତିଥି ରୂପେ ନନ୍ଦପୁରସ୍ଥିତ ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନେ ଦାର୍ଶନିକମାନଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ତ୍ରିନାଥ ଦଳାଇ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଭୟ ଅଧିବେଶନରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ ଖୁଣ୍ଟିଆ ଅଧ୍ୟକ୍ଷତା କରି ପରିଚାଳନା କରିଥିଲେ। ଶିକ୍ଷକ ଅରବିନ୍ଦ ସ୍ୱାଇଁ, ଅସିତ୍ ଦାସ, ସେକ୍ ରହିମୁଦ୍ଦିନ୍, କୈଳାସ ଚନ୍ଦ୍ର ତ୍ରିପାଠୀ, ପ୍ରଦୀପ ସାହୁ, ରମେଶ ଚନ୍ଦ୍ର ପ୍ରଧାନ, ପଦ୍ମ ଚରଣ ସାହୁ, ନିଶାମଣି ସାହୁ, ଜ୍ୟୋତିରାମ ସେମିଲି ସହଯୋଗ କରିଥିଲେ।

# ୯୨ କେଜି ଗଞ୍ଜେଇ ଜବତ, ୩ ଗିରଫ



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ।

**ପଟ୍ଟାଙ୍ଗି,୧୯।୧( ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ ପୋଲିସ ଗଞ୍ଜେଇ ଚୋରା ଚାଲାଣ ଧରିବାରେ ସଫଳ ହୋଇଛି। ୯୨ କେଜି ୩୪୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜୋସେଫ ଓ ଅଜିତ। ଉଭୟଙ୍କ ଘର କେରଳରେ। ଅନ୍ୟ ଜଣେ ହେଲେ କୋରାପୁଟ ଜିଲା ସୁନାବେଡ଼ା ଅଞ୍ଚଳର ନାରାୟଣ ପ୍ରଧାନ। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋଟିଆରେ ଥାନା ପ୍ରତିଷ୍ଠା ହେବା ପରଠାରୁ ଗଞ୍ଜେଇ ଜବତ କରିବାରେ ଏହା ହେଉଛି ଥାନା ପାଇଁ ପ୍ରଥମ ସଫଳତା। କୋଟିଆ ପଞ୍ଚାୟତ ଦେଇ ଆନ୍ଧ୍ରକୁ ଅନେକ ରାସ୍ତା ଫିଟିବା ପରେ ବିଭିନ୍ନ ଗଳାବାଟ ଦେଇ ଚୋରା ଚାଲାଣକାରୀମାନେ ଗଞ୍ଜେଇ ଚାଲାଣ କରୁଛନ୍ତି। ସମୟେ ସମୟେ ସେମାନେ ଆନ୍ଧ୍ର ପୋଲିସ ହାତରେ ଧରା ପଡୁଥିଲେ ମଧ୍ୟ କୋଟିଆ ପୋଲିସ ହାବୁଡ଼ରେ ପଡୁ ନ ଥିଲେ। ବୁଧବାର ନିଜକୁ ପର୍ଯ୍ୟଟକ ପରିଚୟ ଦେଇ ଏକ କାର୍ (ଡିଏଲ୍୦୩ସିବିଇ-୨୦୨୦) କୋଟିଆ ଥାନା ସମ୍ମୁଖ ଦେଇ ଆନ୍ଧ୍ର ଅଭିମୁଖେ ଯାଉଥିବା ବେଳେ ଉପସ୍ଥିତ ପୋଲିସ ସନ୍ଦେହରେ କାର୍‌କୁ ଅଟକାଇ ଯାଞ୍ଚ କରିଥିଲା। କାର୍ ଡିକିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। କେସ୍ ନଂ. ୧/୨୪ରେ ଏକ ମାମଲା ରୁଜୁହୋଇ ଅଧିକ ତଦନ୍ତ ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ୭ବର୍ଷ ବିତିଲାଣି, ବୋଦାପୁଟ-ତୋକାଲ ରାସ୍ତା ଅଧାପନ୍ତରିଆ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ ।

**ଗ୍ରାମବାସୀ ଜିଲାପାଳଙ୍କୁ ଦେଲେ ଦାବିପତ୍ର**

**କୋରାପୁଟ,୧୯।୧(ଅମିତାଭ ବେହେରା)**

ଦୀର୍ଘ ୭ ବର୍ଷ ବିତିଯାଇଥିଲେ ମଧ୍ୟ କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ଅଧୀନରେ ଥିବା ବୋଦାପୁଟଠାରୁ ତୋକାଲ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡିଛି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ସେମାନେ ଜିଲାପାଳ ଅବଦାଲ ଏମ୍. ଅଖତାରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏହି ରାସ୍ତା କାର୍ଯ୍ୟ ଯଦି ତୁରନ୍ତ ଶେଷ କରା ନ ଯାଏ ତେବେ ଆଗାମୀ ଦିନରେ ଗ୍ରାମବାସୀ ସେମାନଙ୍କ ପରିବାର ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ବୈପାରିଗୁଡ଼ା ଜିଲା ପରିଷଦ ସଦସ୍ୟ ମଣି ଜାନି କହିଛନ୍ତି। ୨୦୧୭ରେ ବୈପାରିଗୁଡ଼ା ବ୍ଲକର ବୋଦାପୁଟ ଗ୍ରାମଠାରୁ ତୋକାଲ ପର୍ଯ୍ୟନ୍ତ ରାସ୍ତା କାମ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୭ ବର୍ଷ ବିତିଯାଇଥିଲେ ହେଁ କାର୍ଯ୍ୟ ସରିନାହିଁ। ଫଳରେ ଉକ୍ତ ରାସ୍ତାରୁ ଗ୍ରାମବାସୀ କୌଣସି ସୁଫଳ ପାଇନାହାନ୍ତି। ଜିଲାପାଳ ଏହି ଅଧାପନ୍ତରିଆ ରାସ୍ତା କାର୍ଯ୍ୟ ଶୀଘ୍ର ଶେଷ କରାଯିବା ଦିଗରେ ପଦକ୍ଷେପ ନେବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦର ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ

**ଜୟପୁର, ୧୯।୧ (ପବନ ପାଣିଗ୍ରାହୀ)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଆଦିବାସୀ ସମ୍ପ୍ରଦାୟର କଳାସଂସ୍କୃତି ଓ ପରମ୍ପରା ବଜାୟ ରଖିବା ପାଇଁ ଜୟପୁର ବ୍ଲକର ୨୨ଟି ପଞ୍ଚାୟତର ଲୋକନୃତ୍ୟ ଓ ସଙ୍କୀର୍ତ୍ତନ ଦଳକୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜୟପୁର ଦଶହରା ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ରୂପେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ,ଏସିଡିସି ଉପାଧ୍ୟକ୍ଷ ଲକ୍ଷ୍ମୀ ହନ୍ତାଳ, ଏସିଡିସି ସଭ୍ୟ ସୂର୍ଯ୍ୟ ନାରାୟଣ ରଥ, ଟଙ୍କଧର ହଲବା, ବୈଦନାଥ ନାୟକ, ପାର୍ବତୀ ମନ୍ତ୍ରି ,ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ପିଏ ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା, ବିଡିଓ ଶକ୍ତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଥିବା ଜନଜାତି ସାଂସ୍କୃତିକ ଦଳକୁ ନୃତ୍ୟ ଆଭୂଷଣ ଓ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଥିଲା। କୋରାପୁଟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୟପୁର ବ୍ଲକର ୧୦ ସଙ୍କୀର୍ତ୍ତନ ଦଳ ଓ ୧୦ଟି ନୃତ୍ୟ ଦଳକୁ ପୋଷାକ ଆଭୂଷଣ ଓ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଥିଲା।



କୋରାପୁଟ ଜିଲ୍ଲା କୋଟପାଡ଼ ଅଞ୍ଚଳର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଦେବାନ ମୁଣ୍ଡା ପୋଖରୀରୁ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲିଛି। ଟ୍ରାକ୍ଟର ଯୋଗେ ପଙ୍କ ଅନ୍ୟତ୍ର ପକାଇବା ଲାଗି ନେବା ବେଳେ ଏହା ଉପରେ ପାଲ କିମ୍ବା ଜରି ଘୋଡାଇ ନିଆଯାଉ ନ ଥିବାରୁ ରାସ୍ତା ସାରା ପଙ୍କ ପଡି ଶୁଖିଯିବା ପରେ ଏହା ଧୂଳି ସହ ଉଡି ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି।

# ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇଲେ ସରପଞ୍ଚ, ସମିତିସଭ୍ୟ

**ବୋରିଗୁମ୍ମା, ୧୯।୧(ବିଜୟ ସାହୁ )**



ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି ସରପଞ୍ଚ, ସମିତିସଭ୍ୟ।

- ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟକୁ ବିରୋଧ କଲେ
- ମାସ ମାସ ଧରି ପିଇଓମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନାହାନ୍ତି
- ବିଡିଓଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହାର

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍‌ର ୩୧ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟମାନେ ୧୦ ଦଫା ଦାବି ନେଇ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ସେମାନେ ନିର୍ବାଚିତ ହେବାର ୨ବର୍ଷ ବିତିଗଲାଣି। ବ୍ଲକ ପ୍ରଶାସନର ମନୋମୁଖୀ କାର୍ଯ୍ୟ ଯୋଗୁ ସେମାନେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିପାଳନ କରିପାରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଶେଷରେ ଏଣୁ ୧୦ ଦଫା ଦାବିପୂରଣ ନେଇ ଜନ ପ୍ରତିନିଧିମାନେ ବ୍ଲକ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବା ପରି ପଦକ୍ଷେପ ନେଇଥିବା ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତ ଯେ, ପଲ୍ଲିସଭା ଓ ଗ୍ରାମସଭା ମାଧ୍ୟମରେ ଅନୁମୋଦନ ହେଉଥିବା ଆକ୍ସନ ପ୍ଲାନର କାର୍ଯ୍ୟଗୁଡ଼ିକ ହୋଇପାରୁନାହିଁ। ପଞ୍ଚାୟତ ସମିତି ଅନୁଦାନ ପଞ୍ଚାୟତକୁ ଆସୁନାହିଁ। ଏଜିଏନଆରଇଜିଏସ୍‌ରେ ପଞ୍ଚାୟତ ସ୍ତରରେ ଦୀର୍ଘ ଦୁଇ ବର୍ଷ ହେଲା କାମ ସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟିଏସ ହୋଇପାରୁନାହିଁ। ପିଇଓମାନେ ମାସ ମାସ ଧରି ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଘରର କିସ୍ତି ଟଙ୍କା ହିତାଧିକାରୀମାନେ ଠିକ ସମୟରେ ପାଉନ ଥିବା ପ୍ରକାଶ କରି ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ପରେ ସମସ୍ତ ସରପଞ୍ଚ ଓ ସମିତିସଭ୍ୟମାନେ ବିଡ଼ିଓ ବିକ୍ରମ ଦୋରାଙ୍କ ସହ ଆଲୋଚନା କରିଥିଲେ। ଶନିବାର ଏକ ବୈଠକରେ ସେମାନଙ୍କ ଦାବିଗୁଡିକ ସମ୍ପର୍କରେ ଆଲୋଚନା ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ। ଆନ୍ଦୋଳନରେ ସରପଞ୍ଚ ଦାଶରଥି ମାଝୀ, ତୁଷାରକାନ୍ତ କୁମ୍ଭିକା, ଭାଗୀରଥି ମୁଦୁଲି, ରୋହିଣୀ ଦିଶାରୀ, ମାଳାବତୀ ଗଦବା, ଧନମତି ପୂଜାରୀ, ନିଳାବତୀ ଜାନି, ବାସନ୍ତୀ ଜାନିଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

**ସଂକ୍ଷେପରେ**

## ଜଙ୍ଗଲରେ ନିଆଁ ପ୍ରତିରୋଧ, ନିୟନ୍ତ୍ରଣ ନେଇ କାର୍ଯ୍ୟକ୍ରମ

ଡାବୁଗାଁ, ୧୯।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳର ଜଟାବାଲ ସେକ୍ସନ ଅଧୀନ କୋଦଭଟ୍ଟା ଗ୍ରାମରେ ଡାବୁଗାଁ ବନ ବିଭାଗ ପକ୍ଷରୁ ଜଙ୍ଗଲରେ ନିଆଁ ପ୍ରତିରୋଧ ଓ ନିୟନ୍ତ୍ରଣ ନେଇ ଏକ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜଟାବାଲ ବନପାଳ ରୀତେଶ ସୁନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋଦଭଟ୍ଟା ବନ ସୁରକ୍ଷା କମିଟିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବର୍ତ୍ତମାନ ଜଙ୍ଗଲରେ ପତ୍ର ଝଡ଼ା ଚାଲିଥିବାରୁ ଜଙ୍ଗଲରେ ନିଆଁ ନ ଲଗାଇବାକୁ ପରାମର୍ଶ ଦିଆଯାଇଛି। ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷାକଲେ ଏଠାରେ ସୁରୁଖୁରୁରେ ବନ୍ୟଜନ୍ତୁ ରହିପାରିବେ। ନଚେତ ବନ୍ୟଜନ୍ତୁ ଗାଁ ମୁହାଁ ହେବେ। ତେଣୁ ଜଙ୍ଗଲ ସୁରକ୍ଷା ପ୍ରତି ସମସ୍ତେ ସଜାଗ ହୋଇ ଗଛ ଲଗାଇବା ଲାଗି ଆହ୍ୱାନ ଦିଆଯାଇଛି। ବନପାଳ ଧନୁର୍ଜୟ ନାୟକ, ଜଟାବାଲ ବନରକ୍ଷୀ ସଦା ସାନ୍ତା, ପାତ୍ରୀ ବନରକ୍ଷୀ ପୂଜା ସ୍ୱାଇଁ, ବନ ସୁରକ୍ଷ ସମିତି ସଭାପତି ବଳିରାମ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱକର୍ମା ଯୋଜନାର ପ୍ରଚାର କରାଯାଉ ନ ଥିବା ଅଭିଯୋଗ

ନବରଙ୍ଗପୁର,୧୯।୧(ସଦାଶିବ ପ୍ରହରାଜ)

ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ସମ୍ପର୍କରେ ଏକ ସଚେତନତା କର୍ମଶାଳା ନବରଙ୍ଗପୁରରେ ଅନୁଷ୍ଠିତ ହୋଇଛି। ରାଜ୍ୟ ଭାଜପା ପୂର୍ବତ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ଜିଲା ଭାଜପା ସଭାପତି ଜଗଦୀଶ ବିଷୋୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳା ଆରମ୍ଭ ପୂର୍ବରୁ ସ୍ଥାନୀୟ ସର୍କିଟହାଉସରେ ଭାଜପା ଏକ ଖବରଦାତା ସମ୍ମିଳନୀ କରିଥିଲା। ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ବିଶ୍ୱକର୍ମା ଯୋଜନାର ପ୍ରଚାର ପ୍ରସାର ଓ ହିତାଧିକାରୀ ଚିହ୍ନଟ କରୁ ନ ଥିବା ଭାଜପା ଅଭିଯୋଗ କରିଛି। ସରକାରଙ୍କ ସହଯୋଗ ମିଳିଲେ ଏହି ଯୋଜନାରେ କୌଳିକ ଏବଂ ପାରମ୍ପରିକ ବୃତ୍ତି କରୁଥିବା ଗରିବ ହିତାଧିକାରୀମାନେ ଏହାର ସୁଫଳ ପାଇପାରନ୍ତେ ବୋଲି ସମୀର ମହାନ୍ତି କହିଛନ୍ତି। କର୍ମଶାଳାରେ ବିଭିନ୍ନ କୌଳିକ ବୃତ୍ତି ଆପଣେଇ ଜୀବିକା ନିର୍ବାହ କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଯେଉଁ ସୁବିଧା ସୁଯୋଗ କେନ୍ଦ୍ର ସରକାରଙ୍କ ତରଫରୁ କରାଯାଇଛି ସମ୍ପର୍କରେ ଆଲୋଚନା କରାଯାଇଛି। ଏହାର ଲାଭ ଯେପରି ଅଧିକରୁ ଅଧିକ ହିତାଧିକାରୀ ପାଇ ପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ଓଡ଼ିଶା ରାଜ୍ୟ ବିଶ୍ୱକର୍ମା ଯୋଜନା ସଂଯୋଜକ ସମିର ମହାନ୍ତି ଆହ୍ୱାନ ଦେଇଥିଲେ। ଏହି କର୍ମଶାଳା ଓ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଜଗଦୀଶ ବିଷୋୟୀ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝୀ, ବଳଭଦ୍ର ମାଝି, ପୌରାଧକ୍ଷ କୁନୁ ନାୟକ, ରାଜ୍ୟ ସମ୍ପାଦକ ରମେଶ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝିଙ୍କ ସହ ସମସ୍ତ ଜିଲାର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଅଣସର୍ଭେ, ପଡ଼ାଗ୍ରାମରେ ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ଗଠନ ଦାବି

### ମୋ ଜଙ୍ଗଲ ଜମି ଯୋଜନା କାର୍ଯ୍ୟକାରିତା ନେଇ ଦାବିପତ୍ର

ନବରଙ୍ଗପୁର,୧୯।୧(ସଦାଶିବ ପ୍ରହରାଜ)



ଦାବିପତ୍ର ଦେବାକୁ ଆସିଥିବା ବିଭିନ୍ନ ଗାଁର ମହିଳା, ପୁରୁଷ।

ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ନବରଙ୍ଗପୁର ଜିଲା କମିଟି ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଓ ସଂଶୋଧିତ ଆଇନ୍ ୨୦୧୨ ନିୟମ ଅନୁଯାୟୀ ରାଜ୍ୟ ସରକାରଙ୍କ ମୋ ଜଙ୍ଗଲ ଜମି ଯୋଜନାର ସଠିକ କାର୍ଯ୍ୟକାରିତା ନେଇ ଦାବି ଜଣାଇଛନ୍ତି। ନବରଙ୍ଗପୁର ଜିଲାର ଅଣସର୍ଭେ ଓ ପଡ଼ାଗ୍ରାମ ଗୁଡ଼ିକରେ ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ଗଠନ ନେଇ ଗାଁ ଗୁଡ଼ିକର ତାଲିକା କରାଯିବାକୁ ଅନୁରୋଧ କରିଛନ୍ତି।

ଆଇନ୍ ଅନୁଯାୟୀ, ସମସ୍ତ ପଡ଼ାଗ୍ରାମ, ଅଣସର୍ଭେ ଗ୍ରାମ ଓ ଜଙ୍ଗଲ ଗ୍ରାମ ଗୁଡ଼ିକରେ ସତନ୍ତ୍ର ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ଗଠନ କରାଯିବା ନିୟମ ରହିଛି। ତଥାପି ନବରଙ୍ଗପୁର ଜିଲାରେ ତାହା କାର୍ଯ୍ୟକାରୀ ହୋଇନାହିଁ। ଜିଲାର ଝରିଗାଁ, ପାପଡ଼ାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ଏହି ତିନୋଟି ବ୍ଲକରେ ହିଁ ଆଇନ୍ ଅନୁଯାଇ ପଡ଼ାଗ୍ରାମ,ଅଣସର୍ଭେ ଗ୍ରାମ ଓ ଜଙ୍ଗଲ ଗ୍ରାମ ଗୁଡ଼ିକରେ ସତନ୍ତ୍ର ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ଗଠନ କରାଯାଇଛି। କିନ୍ତୁ ଜିଲ୍ଲା ମଧ୍ୟର ଅଧିକ ପଡ଼ାଗ୍ରାମ ବା ଅଣସର୍ଭେ ଗ୍ରାମ ଥିବା ରାଇଘର, ଉମରକୋଟ ଓ ଚନ୍ଦାହାଣ୍ଡି ବ୍ଲକରେ ବର୍ତ୍ତମାନ ସୁଦ୍ଧା ସ୍ୱତନ୍ତ୍ର

ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ଗଠନ କରାଗଲା ନାହିଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉକ୍ତ ଗ୍ରାମଗୁଡ଼ିକର ତାଲିକା ମଧ୍ୟ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଜିଲା ସମ୍ପାଦକ ରାଜେଶ ଜାନୀଙ୍କ ସମେତ ବିଭିନ୍ନ ବ୍ଲକରୁ ଶତାଧିକ ମହିଳା ଉପସ୍ଥିତ ଥିଲେ। ସରକାରୀ ଆଇନ ଅନୁଯାୟୀ ଯାହା ନିୟମ ରହିଛି ସେହି ଅନୁଯାଇ ସହଯୋଗ କରାଯିବ ବୋଲି ସମନ୍ୱିତ ଅନୁସୂଚିତ ଜାତି ଓ ଜନଜାତି ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ କହିଥିଲେ।

## ଜୀବନଯାତ୍ରାରେ ବଞ୍ଚିବାକୁ ଦେବରାଜଙ୍କ ସଂଘର୍ଷ

ତେନ୍ତୁଳିଖୁଣ୍ଟି, ୧୯।୧(ଚିଦାନନ୍ଦ ସାହୁ)

### ୨ କିଡ୍‌ନୀ ଅକାମୀ



ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଫଟଗୁଡ଼ା ନିବାସୀ ଦେବରାଜ ବିଶୋୟୀ (୨୯)। ଭଲ ଡ୍ରାଇଭର ଭାବେ ଜଣାଶୁଣା। ସେ ଭୁବନେଶ୍ୱରରେ ରହି ଜଣେ ଓଡ଼ିଆ ସିନେ ତାରକାଙ୍କ ଗାଡ଼ି ଚଳାଉଥିଲେ। ଦେହ ଖରାପ ହେବାରୁ ପରୀକ୍ଷା କରାଯାଇଥିଲା। ତାଙ୍କର ୨ଟି ଯାକ କିଡ୍‌ନୀ ନଷ୍ଟ ହୋଇଥିବା ଜଣାପଡ଼ିଥିଲା। ଏହାପରେ ଆରମ୍ଭ ହେଲା ଚିକିତ୍ସା। ପ୍ରଥମେ ମାସକୁ ଥରେ ଡାଏଲିସିସ୍ କରିବାକୁ ପଡୁଥିଲା। ଏବେ ସପ୍ତାହକୁ ୩ଥର। ଥରକୁ ଖର୍ଚ୍ଚ ପ୍ରାୟ ୨ହଜାର। ଏବେ ରୋଜଗାର ନାହିଁ। ସଞ୍ଚିଥିବା ଅର୍ଥ ସହ ପୈତୃକ ସମ୍ପତ୍ତି ବିକି ଚିକିତ୍ସା କରାଯାଉଛି। ଏଣେ ସ୍ତ୍ରୀ ସାବିତ୍ରୀ, ୪ବର୍ଷର ଝିଅ ସିଦ୍ଧି ଓ ବର୍ଷକର ପୁଅ ଦେବାଂଶୁଙ୍କୁ ଚଳାଇବାର ଚିନ୍ତା। ଚିକିତ୍ସା ପାଇଁ ଦେବରାଜ ନିଜ ନାମରେ ୩ଟି ଗ୍ରୁପ୍ ଲୋନ୍ କରିଛନ୍ତି। ଠିକ୍ ହେବା ପରେ ଶୁଝିଦେବେ ବୋଲି ଭାବିଥିଲେ। ପ୍ରଥମେ କିସ୍ତି ପଇସା ଠିକ୍ ସମୟରେ ପୈଠକରି ଆସୁଥିଲେ। ବର୍ତ୍ତମାନ ସ୍ୱାସ୍ଥ୍ୟାବସ୍ଥା ଓ ଆର୍ଥିକ ସ୍ଥିତି ଖରାପ। ତେଣୁ ଏବେ କୌଣସି କିସ୍ତି ପୈଠ କରିପାରୁନାହାନ୍ତି ବୋଲି ଦେବରାଜ କହିଛନ୍ତି। ସ୍ତ୍ରୀ, ଛୋଟ ଝିଅ, ପୁଅଙ୍କୁ ଚଳାଇବା ସକ୍ଷମ ହେଉନାହିଁ। ଏଣେ ଋଣ କିସ୍ତି ବାନ୍ଧିବାକୁ ଗ୍ରୁପ୍ ପକ୍ଷରୁ ବାଧ କରାଯାଉ ଥିବାରୁ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯାଉଛି ବୋଲି ସେ କହିଛନ୍ତି। ଋଣ ବୋଝ ଓ ଚିକିତ୍ସା ଖର୍ଚ୍ଚରେ ଭାରାକ୍ରାନ୍ତ ହୋଇ ଏବେ ବଞ୍ଚିବାର ଆଶା ଛାଡ଼ି ଦେଇ ଡାଏଲିସିସ୍ ବନ୍ଦ କରି ଇଚ୍ଛା ମୃତ୍ୟୁ ପାଇଁ ଚିନ୍ତା କଲେଣି। ଚିକିତ୍ସା ପାଇଁ ସ୍ତ୍ରୀ ସାବିତ୍ରୀ ନିଜ ବାପାଙ୍କଠାରୁ ଟଙ୍କା ଆଣିଲେ ଡାଏଲିସିସକୁ ଯାଇପାରୁଛି। ପରିବାର ଚଳିବା ପାଇଁ ଘର ପାଖରେ ଥିବା ଛୋଟିଆ ଦୋକାନ ମଧ୍ୟ ଖୋଲିହେଉନାହିଁ। କାରଣ ସପ୍ତାହକୁ ୩ଥର ନବରଙ୍ଗପୁର ଚିକିତ୍ସା ପାଇଁ ଯିବାକୁ ପଡୁଛି। ଦେବରାଜଙ୍କ ବାପାଙ୍କ ଗୋଡ଼ ଭାଙ୍ଗିଯାଇଥିବାରୁ ସେ ମଧ୍ୟ ଚିକିତ୍ସାଧୀନ। ଜିଲା ପ୍ରଶାସନ ତାଙ୍କ ଚିକିତ୍ସା ଖର୍ଚ୍ଚ, ପରିବାର ସଦସ୍ୟଙ୍କ ଚଳିବା ପାଇଁ ଆର୍ଥିକ ସହଯୋଗ ସହ ଗ୍ରୁପ୍ ଋଣ ମୁକ୍ତ ପାଇଁ କିଛି ବ୍ୟବସ୍ଥା କରିବାକୁ ଦେବରାଜ ଅନୁରୋଧ କରିଛନ୍ତି।

# ଜଗନ୍ନାଥ ସଂସ୍କୃତି ଆଧାରିତ ଚଳଚ୍ଚିତ୍ର ପ୍ରଦର୍ଶନ

ଡାବୁଗାଁ, ୧୯।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

### ନୂଆ-ଓ ଓଡିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ

ନବରଙ୍ଗପୁର ଜିଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ- ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପନୀ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ଓଡ଼ିଆ ହସ୍ତାକ୍ଷର, କୁଇଜ୍, ସ୍ଲୋଗାନ ଲିଖନ, ଗୀତ (ଭଜନ), ଗଳ୍ପ ଲିଖନ, କବିତା ଲିଖନ, ପ୍ରବନ୍ଧ ଲିଖନ, କବିତା ପାଠ, ଓଡ଼ିଆ ବ୍ୟାକରଣ ଆଦି ପ୍ରତିଯୋଗିତା କରାଯାଇଥିଲା। ଏଥିସହ ଜଗନ୍ନାଥ ସଂସ୍କୃତି ଆଧାରିତ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। କୃତୀ ଛାତ୍ରୀମାନଙ୍କୁ ଟ୍ରଫି ଓ ପ୍ରଶାମପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଦରମା ଉଠାଣ ଅଧିକାରିଣୀ ତଥା ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶଙ୍କ ସଭାପତିତ୍ୱରେଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ସାହିତ୍ୟିକା ଜେମାମଣି ବିଷୋୟୀ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କେଦାରେଶ୍ୱର ପଟ୍ଟନାୟକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧକ୍ଷା କିରଣ ମାଳା ତିର୍କୀ ମଞ୍ଚ ପରିଚାଳନା କରିଥିଲେ। ଅଧାପକ ସନାତନ ଭୋଇ ସ୍ୱାଗତ ଭାଷଣ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ବିଷୋୟୀ ଧନ୍ୟବାଦ ଦେଇଥିଲେ। ଅଧାପକ ବିବେକ ଭୋଇ, ଶିକ୍ଷକ ମହେଶ୍ୱର ନାଥ, ସୌମୀତ୍ର ଚକ୍ରବର୍ତ୍ତୀ, ଶିକ୍ଷୟିତ୍ରୀ ସୁନାମଣି ପୂଜାରୀ, ରଶ୍ମି ରଞ୍ଜିତା ନାୟକ, ବନିତା ଠାକୁର, ସୁଦେଶନା ଯତି,ରଶ୍ମୀରାଣୀ ପଣ୍ଡା, କଳ୍ପନା ତଥାନ ସିଂ, ସୁପ୍ରିୟା ମହାକୁଡ ପ୍ରମୁଖ ସହଯୋଗ କରିଥିଲେ। ୬ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଉପସ୍ଥିତ ଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ନୂଆ- ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟନୀ

ନବରଙ୍ଗପୁର,୧୯।୧(ସଦାଶିବ ପ୍ରହରାଜ)

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପରିପ୍ରେକ୍ଷୀରେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଉଦ୍‌ଘାଟନ କରାଯାଇଛି। ମହାବିଦ୍ୟାଳୟର ଅଧକ୍ଷା ମାଲେଶ୍ୱରୀ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପିକା ଡ. ସଂଯୁକ୍ତା ପଣ୍ଡା, ଇତିହାସ ବିଭାଗ ଅଧ୍ୟାପିକା ରଞ୍ଜୁଷା ପ୍ରହରାଜ, ରାଜନୀତି ବିଜ୍ଞାନ ଅଧାପକ ନୃପେନ୍ଦ୍ର ନାଥ ଖୋସଲା, ଅର୍ଥନୀତି ବିଭାଗର ଅଧ୍ୟାପିକା ତାଇରା ବେଗାମ, ଇତିହାସ ବିଭାଗ ଅଧ୍ୟାପିକା ସୁନୀତା ପାତ୍ର ଯୋଗଦେଇଥିଲେ। ଛାତ୍ରୀମାନେ ବକ୍ତୃତା, କୁଇଜ୍ ଓ ହସ୍ତାକ୍ଷର ପ୍ରତିଯୋଗିତାରେ ଭାଗନେଇଥିଲେ। ଓଡ଼ିଆ ବିଭାଗ ଅଧାପକ ଲକ୍ଷ୍ମୀକାନ୍ତ ସୌରା ଓଡ଼ିଆ ଭାଷାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଠ ସହ ଖେଳକୁଦରେ ଉନ୍ନତି କରିବାକୁ ପରାମର୍ଶ



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଡାବୁଗାଁ, ୧୯।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

### ବଡ଼ଓଲମା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବଡ଼ଓଲମା ଆଶ୍ରମ ବିଦ୍ୟାଳୟ(ପୁରୁଣା)ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୀବ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ସହ ଖେଳକୁଦରେ ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ସମ୍ମାନିତ ଅତିଥି, ଅନ୍ୟ ଅତିଥିଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ନିବେଦିତା ବିଶ୍ୱାଳ, ଭରତ ଚନ୍ଦ୍ର ସାହୁ, ବ୍ଲକ ଅଧକ୍ଷା ବୀଣା ମାଝି, ଜିଲା ପରିଷଦ ସଭ୍ୟ ଧନସିଂ ଭତରା, ଜିଲା ବିଜେଡି ଉପସଭାପତି ବଦ୍ରିପ୍ରସାଦ ସିଂ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ବଡ଼ଓଲମା ସରପଞ୍ଚ ବୁଦାଇ ଭତରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗଦୀଶ ଭତରା, ମୋ ସ୍କୁଲ ସଭାପତି ରାଜେନ୍ଦ୍ର ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ପିଲାମାନେ ଭଲ ପାଠ ପଢ଼ି ସୁନାଗରିକ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଅସିତ ପଣ୍ଡା, ଗୌତମ ଦାସ, ଭୋଜରାଜ ମାଝି, ଜଗଦୀଶ ସାହୁ, ଉମାକାନ୍ତ ବିଶ୍ୱାଳ, ଶିକ୍ଷୟିତ୍ରୀ ରଶ୍ମିରେଖା ସାଇଁ ଓ ଦମୟନ୍ତୀ ସାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କବିତାପାଠ, ପୁସ୍ତକ ସମୀକ୍ଷାକଲେ ଛାତ୍ରୀଛାତ୍ର

ଉମରକୋଟ, ୧୯।୧(ସନ୍ତୋଷ ଶତପଥୀ)

ଉମରକୋଟ ବ୍ଲକ ଅଧୀନ ବକଦାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଛି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅସୀମ କୁମାର ବିଶ୍ୱାସ ମୁଖ୍ୟ ଅତିଥି, ବରିଷ୍ଠ ଶିକ୍ଷକ ଗଣେଶ ପ୍ରସାଦ ରଣା ମୁଖ୍ୟବକ୍ତା, ଉମର ଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବଙ୍କିମ ଚନ୍ଦ୍ର ମଣ୍ଡଳ, ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ଭତ୍ରା, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ରତନ ସମରଥ ଓ ଅନ୍ୟ ସଭ୍ୟ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ମୋ ସ୍କୁଲ କମିଟି ସଭାପତି ଘାସିଆ ପୂଜାରୀ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା "ମୋ କଥା ମୋ କାହାଣୀ" ର ମୋଟ ୧୮୧ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ବେଳେ "ଏକ ପ୍ରାଚୀର" ପତ୍ରିକା ଶୁଭ ଉଦ୍‌ଘାଟନ କରାଯାଇଥିଲା। ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ ଓ କ୍ରୀଡାଙ୍ଗନ୍ କ୍ଲବ୍ର ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସାହିତ୍ୟ ସୃଜନି କ୍ଲବକୁ ଶ୍ରେଷ୍ଠ କ୍ଲବଭାବେ ପୁରସ୍କୃତ କରାଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା କବିତା ପାଠ ସହ ରେବତୀ ଓ ମା ପୁସ୍ତକର ସମୀକ୍ଷା କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ଶିକ୍ଷକ ଶିବ ପତି, ଉତ୍ତମ ଦାସ, ସାଗରିକା ବୈଦ୍ୟ, ଅପର୍ଣ୍ଣା ଗୁରୁ, ନିଖିଲ ବିଶ୍ୱାସ, କୋଲିନ ଦାସ, ସତ୍ୟବାନ ଗୌଡ଼, ସର୍ଫରାଜ, ନୀଳାମ୍ବର ଯାନୀ , କରୁଣା କର ମାଝି, ନରେନ୍ଦ୍ର ହରିଜନ, ବିସିଂ ହରିଜନ, ଦେବ କୁମାର ଦେ, ସୁଧାଂଶୁ ଶେଖର ସାହୁ, ସଚ୍ଚିଦାନନ୍ଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।





କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ଅସହାୟଙ୍କୁ କିନ୍ନର ଦେଲେ କମ୍ବଳ

କୋଡ଼ିଙ୍ଗା, ୧୯।୧(ସମରେନ୍ଦ୍ର ପଟ୍ଟନାୟକ)

କୋଷାଗୁମୁଡା ବ୍ଲକ ସଦର ଓ କୋଡ଼ିଙ୍ଗା ମେନ ରୋଡ୍‌ରେ ଥିବା ୫୪ ଜଣ ଅସହାୟ ଲୋକଙ୍କୁ ନବରଙ୍ଗପୁର ଜିଲା କିନ୍ନର ସଂଘ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ଜିଲ୍ଲା କିନ୍ନର ସଙ୍ଘ ସମ୍ପାଦକ ଚୁମକି କିନ୍ନର, କାଜଲ କିନ୍ନର, ଗୁଗୁ କିନ୍ନର, ବର୍ଷା କିନ୍ନର, ବୈଦି କିନ୍ନର, ସୃତି କିନ୍ନର, ଅନିତା କିନ୍ନର କୋଡ଼ିଙ୍ଗାରେ ପହଞ୍ଚି କମ୍ବଳ ବଣ୍ଟନ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରୁ ସଂଘକୁ ଯେଉଁ ଅର୍ଥ ଦାନ ମିଳୁଛି ସେହି ଅର୍ଥ ରାଶିରୁ ଅସହାୟ ଗରିବ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ଦେଇ ସେମାନଙ୍କ ମୁହଁରେ ହସ ଫୁଟାଇ ଆତ୍ମସନ୍ତୋଷ ମିଳୁଛି ବୋଲି ସମ୍ପାଦକ ଚୁମକି କହିଛନ୍ତି।

## ଜିଲାଭିତ୍ତିକ ନିଯୁକ୍ତି ଦାବିକଲା ଯୁବ ସଙ୍ଗଠନ

ନବରଙ୍ଗପୁର,୧୯।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ଡେମୋକ୍ରେଟିକ୍ ୟୁଥ୍ ଫେଡେରେସନ୍ ଅଫ୍ ଇଣ୍ଡିଆ ଓ ଷ୍ଟୁଡେଣ୍ଟ ଫେଡରେଶନ୍ ଅଫ୍ ଇଣ୍ଡିଆ ପକ୍ଷରୁ ସ୍ଥାନୀୟ ଅମଳା ଭବନରେ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ନବରଙ୍ଗପୁର ଜିଲାରେ ହଜାର ହଜାର ଶିକ୍ଷିତ ବେକାର ଯୁବତୀ ଯୁବକ ରହିଥିବା ବେଳେ ରାଜ୍ୟସ୍ତରୀୟ ନିଯୁକ୍ତି କରି ଜିଲାର ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ସରକାର ପ୍ରତାରଣା କରୁଛନ୍ତି ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ନିକଟରେ ୬୦୦ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଜିଲାର ମାତ୍ର ୩୦ଜଣ ଯୁବତୀ ଯୁବକ ନିଯୁକ୍ତି ମିଳିଛି ବୋଲି ସଂଗଠନର ଆବାହକ ରାଜେଶ ଜାନୀ କହିଛନ୍ତି। ସେହିଭଳି ଅନ୍ୟ ନିଯୁକ୍ତିକୁ ରାଜ୍ୟସ୍ତରୀୟ ନିଯୁକ୍ତି କରାଯାଇଛି। ପଛୁଆ ଜିଲା ବେକାର ଯୁବତୀ ଯୁବକ ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟସରକାର ବିଭିନ୍ନକ୍ଷେତ୍ରରେ ଜିଲା ଭିତ୍ତିକ ନିଯୁକ୍ତି ପ୍ରତି ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ଯୁବ ଓ ଛାତ୍ର ସଂଗଠନ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଖବରଦାତାରେ ଯୁବ ସଂଗଠନର ନବି ସାନ୍ତା, ଜ୍ୟୋତିନ ବେନିଆ, ସୁରୋଜ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ଶାସ୍ତ୍ରୀୟ ଭାଷାର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ରହିଛି

କୋଡ଼ିଙ୍ଗା,୧୯।୧((ସମରେନ୍ଦ୍ର ପଟ୍ଟାୟକ)

### ନୂଆ ଓ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ୪ଦିନ ଧରି ଚାଲିଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରସାର ପ୍ରଚାର କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଛି। କଳାହାଣ୍ଡି ଜିଲାର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଜୟଦରଥ ସୁନା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଆ ଭାଷା ଗବେଷକ ଅଜିତ କୁମାର ଭୋଇ ମୁଖ୍ୟବକ୍ତାଭାବେ ଉପସ୍ଥିତ ଥିଲେ। ୪ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କବିତା ପାଠ, ବକ୍ତୃତା, ଭଜନ, ପ୍ରବନ୍ଧ, ହସ୍ତାକ୍ଷର, କବିତା ଲିଖନ, କ୍ଷୁଦ୍ର ଗଳ୍ପ, କୁଇଜ୍ ଓ ନୃତ୍ୟ ଭଳି ପ୍ରତିଯୋଗିତା କରାଯାଇଥିଲା। କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଭଳି ଭାଷା ସମିଳିନୀ ଆୟୋଜନ କରି ଓଡିଶା, ଓଡ଼ିଆ ଶାସ୍ତ୍ରୀୟ ଭାଷା ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ଜଗନ୍ନାଥ ଓ ଜଗନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ସହ ନୂଆ ଓ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ି ନିଜର ଅନ୍ତର୍ନିହିତ ପ୍ରତିଭା, ସୃଜନଶୀଳତା ସହିତ ନିଜ ଭବିଷତ୍ୟ ଗଢି ତୋଳିବା ପାଇଁ ସୁଯୋଗ ସୃଷ୍ଟି କରି ପାରିଛି ବୋଲି ମତ ପ୍ରକାଶ କରିଥିଲେ। ୪ଦିନ ଧରି ଚାଲି ଥିବା ଏହି କାର୍ଯ୍ୟକ୍ରମରେ ଜିଲାର ବହୁ ସାହିତ୍ୟିକ, ରମେଶ ଚନ୍ଦ୍ର ପଟ୍ଟନାୟକ, ସହଦେ ପରିଡା, ବିଜୟ ଚୌଧୁରୀ, ଜଗଦୀଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଭାଗ ନେଇ ଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ଅଧକ୍ଷ୍ୟା ଅମିତା ରାୟ ସଭାପତିତ୍ୱ କରିଥିଲେ। ଓଡ଼ିଆ ଅଧାପକ ରବିନାରାୟଣ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

# ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ



ଝରିଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



ପାପଡ଼ାହାଣ୍ଡିରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଝରିଗାଁ/ ପାପଡ଼ାହାଣ୍ଡି,୧୯।୧
(କିଶୋର ଚନ୍ଦ୍ର ମଣ୍ଡଳ/ ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ଝରିଗାଁସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରୋହିଣୀ ତପସ୍ୱିନୀ ହଜାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏବିଇଓ ବଳଭଦ୍ର ବିଷୋୟୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ବିଇଓ ବୀରେନ୍ଦ୍ର କୁମାର ପାଢ଼ୀ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ନନ୍ଦ, ବିଷ୍ଣୁଚରଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶିକେଶନ ନାୟକ ଓ ମୋ ସ୍କୁଲ ସଭାପତି ସୁଶାନ୍ତ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ମତ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ସହ ସ୍ମୃତିଫଳକ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

ପାପଡ଼ାହାଣ୍ଡି ବ୍ଲକ ସେମଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ କରାଯାଇଛି। ପ୍ରଧାନ ଶିକ୍ଷକ ନାରାୟଣ ପାଇକରାୟ, ଅବସରପ୍ରାପ୍ତ ଶିକ୍ଷକ କୃପାଦାନ ଭତରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁନୀଲ ଭତରା ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବାବୁଲାଲ ହରିଜନ 'ଆମ କଥା ଓ ଆମ କାହାଣୀ' ପୁସ୍ତକ ଉନ୍ମୋଚନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନୂଆ ଓଡ଼ିଶାର ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

ଏମ୍‌ଭି ୭୯, ୧୯।୧(ଭିକି ବାରିକ)

ସ୍ଥାନୀୟ ଡ. ଶ୍ୟାମାପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ- ଓ କାର୍ଯ୍ୟକ୍ରମର ସାହିତ୍ୟ ପ୍ରତିଯୋଗିତା ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାଢ଼ୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ଅଧ୍ୟକ୍ଷ ସଭାପତିତ୍ୱ କରିବା ବେଳେ ସମ୍ମାନିତ ଅତିଥି ଭାବେ ଅର୍ଥନୀତି ଅଧ୍ୟାପକ ଡ. ପ୍ରଦୀପ୍ତ ମିଶ୍ର, ଇଂଲିଶ ଅଧ୍ୟାପକ ବସନ୍ତ ବିଶ୍ୱାଳ, ଡେମୋନଷ୍ଟ୍ରେଟର ଲୋକନାଥ ମହାକୁଡ଼ ଯୋଗଦେଇଥିଲେ। ନୋଡାଲ ଅଧିକାରୀ ଡ. ମେଘନାଦ ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭରତ ପଣ୍ଡା, ଅଶୋକ ନାହାକ, ସନ୍ତୋଷ ପ୍ରହରାଜ, ସୁଜିତ ଢାଲି ଏବଂ ରିଙ୍କି ବାରିକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଇତିହାସ ଅଧ୍ୟାପକ ଧନ୍ୟବାଦ ଦେଇଥିଲେ।

### ଦିବ୍ୟଜୀବନ ସଂଘର ଶ୍ରୀମଦ୍ ଭଗବଦ୍ ଗୀତା ପ୍ରବଚନ କାର୍ଯ୍ୟକ୍ରମ

ମାଲକାନଗିରି,୧୯।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ରାମ ମନ୍ଦିରରେ ଦିବ୍ୟଜୀବନ ସଂଘ ତରଫରୁ ଶ୍ରୀମଦ୍ ଭଗବଦ୍ ଗୀତା ପ୍ରବଚନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ କୁମାର ରଥ, ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଅଶୋକ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଶଶିଭୂଷଣ ମିଶ୍ର ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଏକ ସପ୍ତାହ ଧରି ହେବାକୁ ଥିବା ବେଳେ ଋଷିକେଶରୁ ଆସିଥିବା ପ୍ରବଚକ ସ୍ୱାମୀ ଆନନ୍ଦ ସ୍ୱରୂପାନନ୍ଦ ସରସ୍ୱତୀ ମହାରାଜ ଶ୍ରୀମଦ୍ ଭଗବଦ୍ ଗୀତା ପ୍ରବଚନ ପାଠ କରିଥିଲେ।

# ପର୍ଯ୍ୟଟନ ସ୍ଥଳୀକୁ ଆସୁଥିବା ପର୍ଯ୍ୟଟକ ବନ ବିଭାଗର ଆମ୍ବାସାଡର: ପିସିସିଏଫ୍

ମାଲକାନଗିରି, ୧୯।୧(ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ନିମନ୍ତେ ବନ ବିଭାଗ ତରଫରୁ ବିଭିନ୍ନ ଜିଲାରେ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ନିର୍ମାଣ କରାଯାଇଛି। ଫଳରେ ପର୍ଯ୍ୟଟକମାନେ ସହରାଞ୍ଚଳ ଛାଡ଼ି ବନାଞ୍ଚଳରେ ଥିବା ପର୍ଯ୍ୟଟନସ୍ଥଳୀଗୁଡିକ ପରିଦର୍ଶନ କରିବାକୁ ପସନ୍ଦ କରୁଛନ୍ତି। ବିଭିନ୍ନ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀକୁ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନେ ବନ ବିଭାଗର ଆମ୍ବାସାଡର ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି ।

ଶୁକ୍ରବାର ବିଶ୍ୱାଳ ୨ଦିନିଆ ମାଲକାନଗିରି ଗସ୍ତରେ ଆସି ଗୋବିନ୍ଦପାଲ୍ଲୀ ପହଞ୍ଚିଲା ପରେ ବିଶ୍ୱାଳଙ୍କୁ ମାଲକାନଗିରି ଡିଏଫ୍‌ଓ ପ୍ରତାପ କଟାପାଲ୍ଲୀ, ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ସ୍ୱାଗତ କରିଥିଲେ। ପରେ ବିଶ୍ୱାଳ ମାଲକାନଗିରି ସହର ନିକଟ ସତୀଗୁଡା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀରେ ପହଞ୍ଚିବା ପରେ ତାଳଗୁଡା ବନ ସଂରକ୍ଷଣ ସମିତି, ସରପଞ୍ଚ ଘାସି ନାୟକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ସ୍ୱାଗତ କରିଥିଲେ। ପର୍ଯ୍ୟଟନ ସ୍ଥଳୀର ଉନ୍ନତୀକରଣ, ଜଙ୍ଗଲ ସୁରକ୍ଷା, ବନ୍ୟଜନ୍ତୁ ସଂରକ୍ଷଣ ସମ୍ବନ୍ଧରେ ବିଶ୍ୱାଳ ସେମାନଙ୍କ ସହ ଆଲୋଚନା କରିଥିଲେ। ଏହିପର୍ଯ୍ୟଟନସ୍ଥଳୀରେ ନବନିର୍ମିତ ଚାରଟି ଇକୋ କଟେଜର ଲୋକାର୍ପଣ କରିଥିଲେ । ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତରରେ ବିଶ୍ୱାଳ କହିଥିଲେ, ପର୍ଯ୍ୟଟକମାନେ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କଲାପରେ ନିଜ ନିଜ ସମ୍ପର୍କୀୟ ଏବଂ ଅଞ୍ଚଳବାସୀଙ୍କୁ ସୁସ୍ଥ ପରିବେଶ, ସବୁଜ ବନାନୀ, ପ୍ରାକୃତିକ ଦୃଶ୍ୟ, ବିଭିନ୍ନ ବୃକ୍ଷରାଜୀ, ବନ୍ୟଜନ୍ତୁଙ୍କ ପ୍ରତିମୂର୍ତ୍ତି, ଶିଶୁ ଉଦ୍ୟାନ, ଔଷଧୀୟ ବୃକ୍ଷ, ନୌବିହାର, ସୁନ୍ଦର ଫୁଲ ବଗିଚା ସମ୍ବନ୍ଧରେ ବୁଝାଇବା ସହ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଉପରେ ସହଯୋଗ କରିବା ଉଚିତ । ତେଣୁ ପର୍ଯ୍ୟଟକମାନେ ଆମ୍ବାସାଡର ଭାବେ ବନ ବିଭାଗରେ କାର୍ଯ୍ୟ କରିଥାନ୍ତି। ପରେ ବିଶ୍ୱାଳ ମୁଣ୍ଡାଗୁଡାଠାରେ ମାଲ୍ୟବନ୍ତ ବଟାନିକାଲ ଗାର୍ଡେନ ଉଦ୍‌ଘାଟନ କରିଥିଲେ । ଅପରାହ୍ନରେ ଚିତ୍ରକୋଣ୍ଡା ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀରେ ଦୁଇଟି ଇକୋ କଟେଜ ଉଦ୍‌ଘାଟନ କରିଥିଲେ ।



ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ ଓ ଅନ୍ୟମାନେ କାର୍ଯ୍ୟ ବୁଲି ଦେଖୁଛନ୍ତି ।

# ଏମ୍‌ଭି-୯୫ ଉଚ୍ଚ ବିଦ୍ୟାଳୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ପଡ଼ିଆ, ୧୯।୧(ଭାସ୍କର ରାଓ)

ମାଲକାନଗିରି ଜିଲା ପଡ଼ିଆ ବ୍ଲକ ଗିରିକାନପାଲ୍ଲୀ ପଞ୍ଚାୟତ ଏମ୍‌ଭି-୯୫ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପ୍ରଧାନ ଶିକ୍ଷକ ନିରଞ୍ଜନ ମୁଖୀଙ୍କ ନେତୃତ୍ୱରେ ବିଦ୍ୟାଳୟସ୍ତରୀୟ ପ୍ରତିଭା ଅନ୍ୱେଷଣ ଓ ସୃଜନୀ ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ୪ କ୍ଲବ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡ଼ାଙ୍ଗନା ସଭ୍ୟାସଭ୍ୟ ବିଭିନ୍ନ ସୃଜନୀଶୀଳତା ପ୍ରଧାନ ଶିକ୍ଷକ ମୁଖୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମେନକା କବାସୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଦେବେ ମାଢ଼ି ଯୋଗଦେଇଥିଲେ। ମୁଖ୍ୟବକ୍ତା ଗାଁ ସଭାପତି ଶଙ୍କର ଦତ୍ତ ଯୋଗଦାନ କରିଥିଲେ। ବିଦ୍ୟାଳୟ ସଭାପତି ଚିତ୍ତରଞ୍ଜନ ସରକାର, ବିଶ୍ୱଜିତ ମଲ୍ଲିକ, ବିଦ୍ୟାଳୟର ସାହିତ୍ୟ ଶିକ୍ଷକ ଆଲୋକ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସ୍ଥିତ ଥିବା ସମସ୍ତ ଅତିଥିବୃନ୍ଦଙ୍କୁ ଫୁଲତୋଡ଼ା ସହ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ତଥା ଗାଁ ଯୁବ କମିଟି ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଭିଭାବକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିବା ସହ ପୁରାତନ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।




ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମଞ୍ଚାସୀନ ଅତିଥି ।

# କୁକୁଡ଼ା ଗାଲିରେ ଚଢ଼ାଉ, ୪ ଗିରଫ

ମାଲକାନଗିରି, ୧୯।୧(ଦୁର୍ଯ୍ୟୋଧନ ପାତ୍ର)

ମାଲାକନଗିରି ଜିଲା ମାଥିଲି ସଦର ଥାନା ପୋଲିସ ଶୁକ୍ରବାର କୁକଡ଼ା ଗାଲି ଉପରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ଓ ଅନ୍ୟ ପୋଲିସ କର୍ମଚାରୀ ମାଥିଲି ବ୍ଲକ ସାଲିମି ପଞ୍ଚାୟତ ତାଳପଦର ଗ୍ରାମରେ ଏକ କୁକୁଡା ଗାଲିରେ ଅଚାନକ ଚଢାଉକରି ୪ ଜଣଙ୍କୁ ଗିରଫ କରିଥିଲେ। ଏଥିସହ ୨୫୦୦ ଟଙ୍କା, ଦୁଇଟି କୁକୁଡା ଓ ଗାଲିରେ ବ୍ୟବହୃତ ଛୁରି ଜବତ କରିଥିଲେ। ଗିରଫ ୪ଜଣଙ୍କୁ ୪୧ ସିଆର୍‌ପିସି ଧାରାରେ ଜାମିନ ସହ ଅଟକ ରଖାଯାଇଥିବା ଓ ଦୁଇଟି କୁକୁଡାକୁ ଅଭିଯୁକ୍ତଙ୍କ ଜିମାରେ ଦିଆଯାଇଛି। ଆଗାମୀ ଦିନରେ ଯେଉଁଠି ବି କୁକୁଡା ଗାଲି ଚାଲୁଥିବା ପୋଲିସ ସୂଚନା ପାଇବ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ମଲିକ ସୂଚନା ଦେଇଛନ୍ତି।



ଗିରଫ ୪ ଅଭିଯୁକ୍ତ ।

# ୨ ଦିନିଆ ଖେଳନା ପ୍ରସ୍ତୁତି କର୍ମଶାଳା

କାଲିମେଳା, ୧୯।୧(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ବ୍ଲକ କାଲିମେଳା କ୍ଲଷ୍ଟର ପକ୍ଷରୁ ଏମ୍‌ଭି ୬୯ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇ ଦିନିଆ ଆଞ୍ଚଳିକସ୍ତରୀୟ ଖେଳନା ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ କାଲିମେଳା କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରଞ୍ଜିତ ସରକାର ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତରୁ ସରକାରୀ ଓ ବେସରକାରୀ ୧୩ ବିଦ୍ୟାଳୟରୁ ୨୯ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଖେଳନା ପ୍ରସ୍ତୁତ ସହିତ ଶିକ୍ଷଣିୟ ସାମଗ୍ରୀ ପ୍ରସ୍ତୁତ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅଭିଜ୍ଞ ପ୍ରଶିକ୍ଷଣ ମାଧ୍ୟମରେ ପାରମ୍ପରିକ ଶିକ୍ଷା ପଦ୍ଧତିରୁ ଆନନ୍ଦଦାୟକ ଶିକ୍ଷା ପ୍ରଦାନ ସାଙ୍ଗକୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣୀୟ ସାମଗ୍ରୀ ବ୍ୟବହାର କରି ଚାପମୁକ୍ତ ଶିକ୍ଷା ବ୍ୟବସ୍ଥା କରିବା । ଏହାଦ୍ୱାରା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଦ୍ୟାଳୟ ଅଭିମୁଖେ ଉପସ୍ଥାନ ବୃଦ୍ଧି ସହ ସେମାନଙ୍କୁ ବିଦ୍ୟାଳୟମୁଖୀ କରିବା, ପ୍ରଶିକ୍ଷଣ ଶିବିରରୁ ପ୍ରଶିକ୍ଷିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟସ୍ତରରେ ଏହାକୁ କାର୍ଯ୍ୟକାରୀ କରିବା ସହ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷିତ କରିବା ଓ ଶିକ୍ଷା ବ୍ୟବସ୍ଥାରେ ଅଧିକରୁ ଅଧିକ ଶିକ୍ଷଣୀୟ ସାମଗ୍ରୀ ବ୍ୟବହାର ଦ୍ୱାରା ଗୁଣାତ୍ମକ ଶିକ୍ଷା ପ୍ରଦାନ ହୋଇପାରିବ । ପ୍ରଶିକ୍ଷଣରେ ସାଂଖ୍ୟ ଗଣନା ପାଇଁ ସଂଖ୍ୟା କାର୍ଡ, ଗଣନା ସଂଖ୍ୟା, ଡାଇସ୍ କାର୍ଡ, ବିଭିନ୍ନ କୋଣ, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟୋପରାଗ ମେଡଲ, ସରୀସୃପ, ଉଦ୍ଭିଦ ଜଗତ, ବିଭିନ୍ନ ଖେଳଣା, ମାଟି କାର୍ଯ୍ୟରେ ବିଭିନ୍ନ କାରୁକାର୍ଯ୍ୟରେ ମୂର୍ତ୍ତି ନିର୍ମାଣ, ପରିବେଶ ସଚେତନତା ବାର୍ତ୍ତା ମଡେଲ, ମହାପୁରୁଷଙ୍କ ପ୍ରତିଛବି ପରି ଭଳିକି ଭଳି ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରାଯାଇଛି ।

# କୋଇକୋଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

କାଲିମେଳା, ୧୯।୧(ଜୀବନକୃଷ୍ଣ ଦାସ)

କାଲିମେଳା ବ୍ଲକ କୋଇକୋଣ୍ଡା ଆଶ୍ରମ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୂଜାରୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଅନନ୍ତପଲ୍ଲୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମାଚରଣ ପଟ୍ଟନାୟକ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାରାଜପାଲ୍ଲୀ ସରପଞ୍ଚ ମୁଡା ସୋଡ଼ି, କାଲିମେଳା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଡି. ବିଶ୍ୱନାଥ ରେଡ୍ଡୀ, ମୋଟୁ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ, ମାଲାଭରମ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗବାନ ନାୟକ, କାଲିମେଳା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୀପଙ୍କର ମଣ୍ଡଳ, ବିଦ୍ୟଳୟ ସଭାପତି ଏରା କରମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁମନ୍ତ ପଣ୍ଡା ସଭା ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ ବିଜୟ କୁମାର ଦାସ, ଶିକ୍ଷୟିତ୍ରୀ ଭାରତୀ ରାୟ ଓ ମାଟ୍ରୋନ ଗୌରୀ ମଣ୍ଡଳ ସହାୟତା କରିଥିଲେ ।

# ବାଲିମେଳା ହାଇସ୍କୁଲରେ ପ୍ରତିଭା ଅନ୍ୱେଷଣ, ସୃଜନଶୀଳତା କାର୍ଯ୍ୟକ୍ରମ

ବାଲିମେଳା, ୧୯।୧(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପ୍ରତିଭା ଅନ୍ୱେଷଣ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ ବିଭାଗ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡ଼ାଙ୍ଗନ ବିଭାଗରେ ଛାତ୍ରୀଛାତ୍ରମାନେ ବିଭିନ୍ନ ବିଷୟବସ୍ତୁ ଉପରେ ହୋଇଥିବା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଷଷ୍ଠରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ଲାଲ, ସବୁଜ, ନୀଳ ଏବଂ ହଳଦିଆ ନାମରେ ଜୁନିୟର କ୍ଲବ ଗଠନ ହୋଇଥିଲା। ସେହିପରି ନବମ ଦଶମ ଛାତ୍ରୀଛାତ୍ରଙ୍କୁ ନେଇ ସିନିୟର କ୍ଲବ ଗଠନ କରାଯାଇ କ୍ରୀଡ଼ା ମାଧ୍ୟମରେ କିପରି ଛାତ୍ରୀଛାତ୍ରମାନେ ଜୀବନ କୌଶଳର ଶିକ୍ଷା ପାଇପାରିବେ ସେଥିଲାଗି କ୍ରୀଡ଼ାଙ୍ଗନ କ୍ଲବ, ସାହିତ୍ୟ ସୃଜନୀ କ୍ଲବରେ ମୋ କଥା ମୋ କାହାଣୀ ମାଧ୍ୟମରେ ପିଲାମାନେ ନିଜ ଭିତରେ ଥିବା ସାହିତ୍ୟ ସୃଜନୀ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିବେ ସେ ବିଷୟରେ କହିଥିଲେ। ଅତ୍ୟାଧୁନିକ ଯୁଗରେ କିପରି ପିଲାଙ୍କର ବିଜ୍ଞାନ ପ୍ରତି ରୁଚି ବଢ଼ିବ ଏବଂ ନୂଆ ଆବିଷ୍କାର ଦିଗରେ କାର୍ଯ୍ୟ କରିବେ ସେଥିପାଇଁ ଜିଜ୍ଞାସା କ୍ଲବ ଏବଂ କୌଶଳୀ କ୍ଲବରେ ପିଲାମାନେ କମ୍ପ୍ୟୁଟର ବ୍ୟବହାର ଶିଖିବା ସହ କାର୍ଟୁନ୍ ଚଳଚ୍ଚିତ୍ର, କୁଇଜ୍ ଭଳି କୋର୍ଡିଂ କରି ଏହାକୁ ନିଜର ବୃତ୍ତି ଭାବରେ ମଧ୍ୟ ଆପଣେଇ ପାରିବେ।

ଚାରୋଟି କ୍ଲବର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ନାଚ ଗୀତ, ବକ୍ତୃତା, ରଚନା ଓ କୁଇଜ୍‌ପ୍ରତିଯୋଗୀଙ୍କ ମଧ୍ୟରୁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦ୍ୟାଳୟ ପରିସର ସଫାସୁତୁରା ରଖିବା ସହ ପ୍ଲାଷ୍ଟିକ୍‌ମୁକ୍ତ କରି ସମାଜକୁ ସୁନ୍ଦର ବାର୍ତ୍ତା ଦେବାକୁ ପ୍ରୟାସ କରିଛନ୍ତି। ସେହିପରି ଖେଳକୁଦ ବ୍ୟାୟାମ ଦେଖାଇ ଶାରୀରିକ ଓ ମାନସିକସ୍ତରରେ ସୁସ୍ଥ ରହିବା ଛାତ୍ରୀଛାତ୍ରମାନଙ୍କ ପ୍ରଥମ କର୍ତ୍ତବ୍ୟ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା କୁମାରୀ ହିଆଲ, ସ୍କୁଲ କମିଟିର ସୁରେନ୍ଦ୍ର କୁମାର ବେହେରାଙ୍କ ସମେତ ଅତିଥି ଭାବେ ବାଲିମେଳା ନଗର ବଣିକ ସଂଘ ସଭାପତି ରାଜେନ୍ଦ୍ର କୁଲଦୀପଙ୍କ ସହିତ ହରପ୍ରସାଦ ଖାଡଙ୍ଗା, ଦେବପ୍ରସାଦ ଦାସ, ଚନ୍ଦନ ବାରିକ, ରବି ରଶ୍ମି ଗୁରୁ ନିରଞ୍ଜନ ମଲ୍ଲ, ଶୁଭାଶିଷ କର ଓ ଅରୁଣ ପାତ୍ର ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ ଛାତ୍ରୀଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ଅଞ୍ଚଳବାସୀ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି ।




ପ୍ରତିଭା ଅନ୍ୱେଷଣ, ସୃଜନଶୀଳତା କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ।

# ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାଲକାନଗିରି,୧୯।୧(ନୃସିଂହ ଚରଣ ମହାନ୍ତି)

ସରକାରୀ (ଏସ୍‌ଏସ୍‌ଡି)ବାଳିକା ଉଚ୍ଚ ବିଦ୍ୟାଳୟ, ଶିଖପାଲ୍ଲୀରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସରକାରୀ ଅନୁସୂଚିତ ଜନଜାତି ଓ ଜାତି ବାଳିକା ଉଚ୍ଚ ବିଦ୍ୟାଳୟ କଲ୍ୟାଣ ବିଭାଗ ତରଫରୁ ଶିଖପାଲ୍ଲୀଠାରେ ପ୍ରଥମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବକୁ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ଉତ୍ସବକୁ ଉଦ୍‌ଘାଟନ କରିଥିଲେ ମୁଖ୍ୟ ଅତିଥି ଟାଙ୍ଗୁଲ ଛାତ୍ରୀମାନଙ୍କୁ ଭଉଣୀ ବୋଲି ସମ୍ବୋଧନକରି ଭଲ ପାଠ ପଢି ସୁନାଗରିକ ହେବା ପାଇଁ ଉପଦେଶ ଦେଇଥିଲେ । ମୁଖ୍ୟବକ୍ତା ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ ଦେଶ ଗଠନରେ ନାରୀଙ୍କ ଭୂମିକାକୁ ଭୂୟସୀ ପ୍ରଶଂସା କରିବା ସହ ଛାତ୍ରୀମାନଙ୍କୁ ନିଷ୍ଠା ଓ ଏକାଗ୍ରତାର ସହିତ ଲକ୍ଷ୍ୟ ହାସଲ କରିବାକୁ ମତ ପୋଷଣ କରିଥିଲେ । ଆଦିବାସୀ ଉନ୍ନୟନ ସଂସ୍ଥା ସହକାରୀ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର ନାଥ କର ସମ୍ମାନିତ ଅତିଥି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁମନ୍ତ କୁମାର ମାଝି, ଅବସରପ୍ରାପ୍ତ ଶିକ୍ଷକ ଭ୍ରମରବର ମଲ୍ଲିକ, ଶିଖପାଲ୍ଲୀ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ଦିବାକର ମହାନ୍ତି, ଉପସଭାପତି ରାଜା ମାଡ଼ୀ ଓ ମୁଡା ମାଡ଼କାମୀ, ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାରଣା ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସହକାରୀ ଶିକ୍ଷକ ଶଶଧର ପାଣିଗ୍ରାହୀ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୃତୀ ଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶିକ୍ଷକ ଆନନ୍ଦ ଦାସ, ଟିଟୁ ମହାପାତ୍ର, ଶିକ୍ଷୟିତ୍ରୀ ସୋନାଲି ଦାସ ଓ ଜ୍ୟୋତ୍ସ୍ନା ଦୋରା ସହଯୋଗ କରିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହିନ୍ଦୀ ଶିକ୍ଷୟିତ୍ରୀ ଝରଣା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।




କ୍ରୀଡ଼ା ଉତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀ ।

# ମାଲକାନଗିରିରେ ବିଏସ୍‌ଏଫ୍ ଆଇଜିଙ୍କ ସମୀକ୍ଷା

ମାଲକାନଗିରି,୧୯।୧(ଦୁର୍ଯ୍ୟୋଧନ ପାତ୍ର)

ବିଏସ୍‌ଏଫ୍ ଆଇଜି କୈଳାସ ଚନ୍ଦ୍ର ଜଟ୍ ୨ଦିନିଆ ଗସ୍ତରେ ଆସି ମାଲକାନଗିରିରେ ପହଞ୍ଚି ସୁରକ୍ଷା ସମ୍ବନ୍ଧୀୟ ସମୀକ୍ଷା କରିଥିଲେ। ତାଙ୍କ ସହ ଡିଆଇଜି ଅପରେଶନ ଧୀରେନ୍ଦ୍ର କୁମାର, ଡିଆଇଜି ଗୋଇନ୍ଦା ବିଭାଗର ସଞ୍ଜୀବ କୁମାର, ମାଲକାନଗିରି ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ସେ କାଲିମେଳା ବ୍ଲକ ଭେଜାଙ୍ଗିବାଡା ସଂରକ୍ଷଣ ଜଙ୍ଗଲ, ଗୋମ୍ପାକୋଣ୍ଡା ଜଙ୍ଗଲ ଗସ୍ତକରି ସେଠାକାର ସ୍ଥିତି ସମ୍ବନ୍ଧରେ ବୁଝିଥିଲେ। ପରେ ସେ ବଡିଗେଟା, ଏମ୍‌ଭି ୭୨ ଓ ଏମ୍‌ଭି. ୭୯ ବିଏସ୍‌ଏଫ୍ କ୍ୟାମ୍ପରେ ସମୀକ୍ଷା କରଥିଲେ। ଦ୍ୱିତୀୟ ଦିନରେ ସେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଜାନବାଇ, ବଡ଼ପଡ଼ା, ଜନ୍ତାପାଇ, ଜୋଡାମ୍ବ ଓ ହନ୍ତାଳଗୁଡା ଗସ୍ତକରି ବିଏସ୍‌ଏଫ ବାହିନୀଙ୍କ ସହିତ ସମୀକ୍ଷା କରିବା ସହ ସେଠାକାର ସୁରକ୍ଷା ଓ ପରିସ୍ଥିତି ସମ୍ବନ୍ଧରେ ବୁଝିଥିଲେ। ଏଥିସହ ବିଏସ୍‌ଏଫ ସୁରକ୍ଷା କର୍ମୀଙ୍କ କୋମ୍ବିଂ ଅପରେଶନ, ଓଡ଼ିଶା ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା-ଛତିଶଗଡ଼ ମିଳିତ ଭାବେ କରୁଥିବା କୋମ୍ବିଂ ସମ୍ବନ୍ଧରେ ବୁଝିବା ସହ ଯବାନମାନଙ୍କୁ ତାଙ୍କ ସାହସିକତାର ପ୍ରଶଂସା କରିଥିଲେ।



କ୍ୟାମ୍ପରେ ବିଏସ୍‌ଅଫ୍ ଆଇଜି ଓ ଅନ୍ୟମାନେ ।

ଏଥିସହ ଯେଉଁ ସ୍ଥାନରେ ବିଏସ୍‌ଏଫ୍ କ୍ୟାମ୍ପ ରହିଛି ଉକ୍ତ ସ୍ଥାନର ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ସହ ବିଏସ୍‌ଏଫ୍ ସମ୍ପର୍କ ରଖି ସେମାନଙ୍କ ହୃଦୟକୁ ଜିତିବା, ସମସ୍ତ ପ୍ରକାର ସୁରକ୍ଷା ଦେବା, ଜନସାଧାରଣଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରିବା, ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ଗ୍ରାମଗୁଡିକର ଉନ୍ନତିରେ ସହାୟକ ହେବା ସମ୍ବନ୍ଧରେ ଜାଣି ଖୁସି ପ୍ରକଟ କରିଥିଲେ । ଏପରି କରିବା ଦ୍ୱାରା ମାଓବାଦୀମାନେ ସମାଜର ମୁଖ୍ୟ ସ୍ରୋତକୁ ଫେରିବେ ବୋଲି ସେ ପ୍ରକାଶ କରିଥିଲେ। ଓଡ଼ିଶାରେ ପ୍ରଥମେ ୨୦୧୦ରେ ବିଏସ୍‌ଏଫ୍ ବାହିନୀ ଯୋଗ ଦେଲାପରେ ମାଓବାଦୀମାନଙ୍କ କବଳରୁ ଓଡ଼ିଶାକୁ ସୁରକ୍ଷା କରିବାରେ ସଫଳ ହୋଇଛନ୍ତି। ଏହି ବିଏସ୍‌ଏଫ୍ ବାହିନୀ ବୋଲି ପ୍ରକାଶ କରିଥିଲେ। ବିଶେଷ କରି ମାଲକାନଗିରି ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ସୁରକ୍ଷା ଦେବା ଫଳରେ ବର୍ତ୍ତମାନ ଉକ୍ତ ଗ୍ରାମବାସୀ ମାଓବାଦୀ କବଳରୁ ମୁକ୍ତ ହୋଇଥିବାରୁ ପ୍ରଶଂସା କରିଥିଲେ । ଆଗାମୀ ଦିନରେ ମଧ୍ୟ ବିଏସଏଫ ସଦାସର୍ବଦା ଆଭ୍ୟନ୍ତରୀଣ ଅଞ୍ଚଳର ପ୍ରଗତି ଓ ଗ୍ରାମବାସୀଙ୍କୁ ସୁରକ୍ଷା ଦେବେ ବୋଲି ସେ କହିଥିଲେ।

